## ସଂକ୍ଷେପରେ

### ପାଗଳ କୁକୁର କାମୁଡାରେ ୨ ଛାତ୍ରୀ ଆହତ

#### ହଷ୍ଟେଲ ପାଚେରି ନ ଥିବାରୁ ଏଭଳି ଘଟୁଛି



ନବରଙ୍ଗପୁର,୧୯।୨(ବି.ପ୍ର.)- ନବରଙ୍ଗପୁର ଟିର୍ଲିଆମ୍ବଗୁଡା ନିକଟରେ ହୋଇଥିବା ଅନ୍ୱେଷା ହଷ୍ଟେଲର ୨ ଜଣ ଛାତ୍ରୀ କୁକୁର କାମୁଡାରେ ଆହତ ହୋଇଛନ୍ତି। ଛାତ୍ରୀମାନେ ହେଲେ ମିଥଳା ନାୟକ (୬) ଓ ଦିପିକା ସନ୍ତା (୭)। ହଷ୍ଟେଲରେ ପାଚେରୀ ନ ଥିବାରୁ ଏଭଳି ଘଟଣା ଘଟୁଛି।
ନବରଙ୍ଗପୁର ଅନ୍ୱେଷା ହଷ୍ଟେଲରେ ୮୦୯ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି । ଛାତ୍ରୀ ନିବାସରେ ୩୬୬ ଓ ଛାତ୍ର ନିବାସରେ ୪୪୩ ଜଣ ରହି ଇଂଲିସ ପାଠ ପଢୁଛନ୍ତି। ବାଳିକା ନିବାସ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଶଶାଙ୍କ ତ୍ରିପାଠୀ ରହିଛନ୍ତି। ବାଳକ ନିବାସ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ କାଳୀକିଙ୍କର ପଟ୍ଟନାୟକ ରହିଛନ୍ତି । ତେବେ ଉଭୟ ହଷ୍ଟେଲ ଚାରିପାଖ ପାଚେରୀ ନାହିଁ । ହଷ୍ଟେଲ ଦୁଇ ପାର୍ଶ୍ୱରେ ରାସ୍ତା ରହିଛି । ଭତରା ଗାଁକୁ ଯିବାକୁ ଓ ଅନ୍ୟଟି କୋଷାଗୁମୁଡା ଯିବାକୁ ରାସ୍ତା ରହିଛି । ଦୁଇ ରାସ୍ତାର ତ୍ରିକୋଣ ଅଞ୍ଚଳରେ ହଷ୍ଟେଲ ନିର୍ମାଣ ହୋଇଛି । ତେବେ ପାଚେରି କରାଯାଇନାହିଁ । ଗାଈ, କୁକୁର ଓ ଭାଲୁର ମଧ ଅବାଧ ଯାତାୟତ କରୁଛନ୍ତି । ୧୭ ତାରିଖରେ ଜଣେ ଛାତ୍ରୀ ମିଥଳା ନାୟକ (୬)ଙ୍କ ଗୋଡରେ କୁକୁର କାମୁଡି ଥିଲା। ସେହିଭଳି ୧୮ ତାରିଖରେ ଦିପିକା ସାନ୍ତା(୭)ଙ୍କ ମୁହଁରେ କୁକୁର କାମୁଡିଛି । ରାକ୍ତାକ୍ତ ଅବସ୍ଥାରେ ଛାତ୍ରୀଙ୍କୁ ଜିଲା ସଦର ମହକୁମା ଡାକ୍ତରଖାନା ଆଣି ଚିକିତ୍ସା କରାଯାଇଛି । ଉକ୍ତ ବୁଲା ପାଗଳା କୁକୁର ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ କାମୁଡିବା ପାଇଁ ମଧ ଘୁରି ବୁଲିବାରୁ ତାହାକୁ ମାରି ଦେଇଛନ୍ତି । ଛାତ୍ରୀ ମାନେ ସନ୍ଧ୍ୟା ପ୍ରାର୍ଥନା ସମୟରେ ଯାଉଥିବା ସମୟରେ କୁକୁର ପଶି କାମୁଡିଥିବା ସୂଚନା ମିଳିଛି ।

### କିଷାନ କ୍ରେଡିଟ କାର୍ଡ ସମ୍ପର୍କିତ ସଚେତନତା

ତେନ୍ତୁଳିଖୁଣ୍ଟି, ୧୯।୨(ଡି.ଏନ.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ବିଭାଗ, ପଶୁପାଳନ ବିଭାଗ, ଉଦ୍ୟାନ ବିଭାଗର ହିତାଧିକାରୀ ମଧ କିଷାନ କ୍ରେଡିଟ କାର୍ଡ ମାଧମରେ ବ୍ୟାଙ୍କରୁ ଋଣ ନେଇପାରିବେ । କୃଷି ଋଣ, ଉଦ୍ୟାନ ଚାଷ ପାଇଁ ଋଣ, ପଶୁପାଳନ ପାଇଁ ଋଣ ,ମାଛଚାଷ ଋଣ ପାଇଁ ବ୍ୟାଙ୍କକୁ ନ ଧାଇଁ ସହଜ ସେବା କେନ୍ଦ୍ରରେ କିଷାନ କ୍ରେଡିଟ କାର୍ଡ ମାଧମରେ ଆବେଦନ କରିପାରିବେ ବୋଲି ସଚେତନତା କରାଯାଇଥିଲା। କିଷାନ କ୍ରେଡିଟ କାର୍ଡ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଏଲଡିଏମ ସିଦ୍ଧାର୍ଥ ସାମଲ, ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଉଦ୍ୟାନ କୃଷି ଅଧିକାରୀ ତେଜସ୍ୱିନୀ ନାୟକ, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ, ଖାତିଗୁଡା କଣ୍ଟାଗାଁ ଓ ଅଞ୍ଚଳଗୁମ୍ମା ଭାରତୀୟ ଷ୍ଟେଟବ୍ୟାଙ୍କ ଓ ଲ୍ୟାମ୍ପ୍ସର ଶାଖା ପରିଚାଳକ, ଦୀପ୍ତିମୟ ନାୟକ, ବାଳଗୋବିନ୍ଦ ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃତିବାସ ଭତ୍ରା ଉପସ୍ଥିତ ଥିଲେ । ଋଣ ସହଜ ସେବା କେନ୍ଦ୍ରର ବିନା ଶୁଳ୍କରେ ଆବେଦନ କରାଯାଇପାରିବ ବୋଲି ଅଧିକାରୀମାନେ କହିଥିଲେ ।

### ୯ ପରୀକ୍ଷା କେନ୍ଦ୍ରରେ ୧୫୭୧ ପରୀକ୍ଷାର୍ଥୀ

ତେନ୍ତୁଳିଖୁଣ୍ଟି,୧୯।୨(ଡି.ଏନ.ଏ)- ତେନ୍ତୁଳିଖୁଣ୍ଟି ସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୭୧ ଜଣ ପରୀକ୍ଷା ଦେଇଥିଲେ। ଖାତିଗୁଡାସ୍ଥିତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ୨୪୧ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୨୨୨ ଜଣ ପରୀକ୍ଷା ଦେଇଥିଲେ। ସର୍ବାଧିକ ୧୯ ଜଣ ଅନୁପସ୍ଥିତ ଥିଲେ।

# ୧୧ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଲେ ୨୦୫୮ ପରୀକ୍ଷାର୍ଥୀ

- ଝରିଗାଁ ବ୍ଲକର ୭ଟି କେନ୍ଦ୍ରରୁ ତିନୋଟିରେ ଲାଗିଛି ସିସିଟିଭି କ୍ୟାମେରା
- ଝରିଗାଁ ବ୍ଲକରେ ୭ କେନ୍ଦ୍ରରେ ୧୩୨୯ ପରୀକ୍ଷାର୍ଥୀ
- ଡାବୁଗାଁ ବ୍ଲକର ୪ଟି କେନ୍ଦ୍ରରେ ୭୨୯ ପରୀକ୍ଷାର୍ଥୀ

ଝରିଗାଁ/ଡାବୁଗାଁ, ୧୯।୨(ସ୍ୱ.ପ୍ର/ଡି.ଏନ.ଏ.)

ନବରଙ୍ଗପୁର ଜିଲା ଝରିଗାଁ ଓ ଡାବୁଗାଁ ବ୍ଲକର ୧୧ କେନ୍ଦ୍ରରେ ମୋଟ ୨୦୫୮ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଝରିଗାଁ ବ୍ଲକରେ ୭ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୩୨୯ ଛାତୀଛାତ୍ର ପରୀକ୍ଷା ଦେଇଛନ୍ତି । କପିକୁ ସଂପୂର୍ଣ୍ଣ ଭାବେ ରୋକିବା ପାଇଁ ବେଲଗାଁ, ପୁଲ୍ଲା ଏବଂ କୋଦଭଟ୍ଟା ସ୍କୁଲ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ସେହିପରି ସମସ୍ତ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ରହିଥିବା ବେଳେ ପରୀକ୍ଷା କିପରି ଚାଲିଛି ତାହାର ତଦାରଖ କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ଜଣେ ଲେଖାଏଁ ନୋଡାଲ ଅଫିସର ନିଯୁକ୍ତି କରାଯାଇଛି। ଝରିଗାଁ ବ୍ଲକରେ ରହିଥିବା ୭ ପରୀକ୍ଷା କେନ୍ଦ୍ରରେ ୧୩୮୩ ଛାତ୍ରୀଛାତ୍ର ମଧ୍ୟରୁ ୫୪ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ନେଇ ସ୍ଥାନୀୟ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ପାଢୀ ସୂଚନା ଦେଇଛନ୍ତି। ବ୍ଲକରେ ରହିଥିବା ସମସ୍ତ କେନ୍ଦ୍ରରେ ପରୀକ୍ଷା କିପରି ଚାଲିଛି ତାହା ସ୍ଥାନୀୟ ବିଡିଓ ତଥା ମାଜିଷ୍ଟ୍ରେଟ୍ ଦେବେନ୍ଦ୍ର ବାହାଦୂର ସିଂ ଧୁରୁଆ ବୁଲି ଦେଖିଥିଲେ।
ଡାବୁଗାଁ ବ୍ଲକର ୪ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିବସରେ ମୋଟ ୭୨୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୨୦ ପରୀକ୍ଷା ଦେଇଥିଲେ। ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ମଞ୍ଜୁ ସାହୁକାର, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହରେଶ ଚନ୍ଦ୍ର ମହାନ୍ତି ଓ ୧୩ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଛନ୍ତି । ପର୍ଯ୍ୟବେକ୍ଷକ ଭାବେ କନିଷ୍ଠ ଯନ୍ତ୍ରୀ ସୁରେଶ କୁମାର ସେଠୀ ଉପସ୍ଥିତ ଥିଲେ । ଡାବୁଗାଁ ସରକାରୀ (ଏସ୍ଏସ୍ଡି) ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ୧୭୦ ଜଣ ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ସୁକାନ୍ତ କୁମାର ସ୍ୱାଇଁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଆରତୀ ବିଶୋଇ ଓ ୧୩ ଜଣ ଇନିଭିଜିଲେଟର ରହିଛନ୍ତି। ପର୍ଯ୍ୟବେକ୍ଷକ ଭାବେ ପାପଡାହାଣ୍ଡି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନଗେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ । ବୋରିଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୧୩୬ ଜଣ ପରୀକ୍ଷା ଦେଇଥିଲେ। ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ପଟ୍ଟନାୟକ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦୁର୍ଯ୍ୟୋଧନ ଦାଶ ଓ ୧୩ ଇନିଭିଜିଲେଟର ରହିଛନ୍ତି । ଏଠାରେ ପର୍ଯ୍ୟବେକ୍ଷକ ଭାବେ କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ଖାଡଙ୍ଗା ଉପସ୍ଥିତ ଥିଲେ। ବଡଓଲମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୨୦୩ ଜଣ ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ଚନ୍ଦ୍ର ମିଶ୍ର, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅସିତ ପଣ୍ଡା ଓ ୧୩ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଛନ୍ତି । ଏଠାରେ ପର୍ଯ୍ୟବେକ୍ଷକ ଭାବେ ନନ୍ଦହାଣ୍ଡି ବ୍ଲକ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ । ପ୍ରଥମ ଦିବସରେ ଡାବୁଗାଁ ଅତିରିକ୍ତ ତହସିଲଦାର ଉମେଶ କୁମାର ପୂଜାରୀ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# ହତ୍ୟା ଘଟଣା : ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ଅନ୍ୟ ୪ ଅଭିଯୁକ୍ତଙ୍କୁ ୬ ମାସ ଜେଲ

ନବରଙ୍ଗପୁର,୧୯।୨(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ହିର୍ଲିଆଗୁଡା ଗାଁର ଦେବ ଭତରାଙ୍କୁ ହତ୍ୟା କରାଯିବା ମାମଲାର ବିଚାର କରି ଜିଲା ଦୌରା ଜଜ୍ ଅଶୋକ କୁମାର ପଣ୍ଡା ଅଭିଯୁକ୍ତ ମଙ୍ଗଳସାଏ ଭତରା (୩୦) ଓ ମହେଶ୍ୱର ମାଝି(୪୨)ଙ୍କୁ ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେହିଭଳି ଉକ୍ତ ଘଟଣାରେ ଅଭିଯୁକ୍ତ ଡମ୍ବୁନାଥ ଭତରା (୪୩), ବଳି ଭତରା(୩୦), ବଳି ଭତରା(୬୦) ଓ ବଲବ ଭତରା (୬୨)ଙ୍କୁ ୬ ମାସ ଲେଖାଏଁ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ କରିଛନ୍ତି।
ପାପଡାହାଣ୍ଡି ବ୍ଲକ ହିର୍ଲିଆଗୁଡା ଗାଁର ଦେବ ଭତରା(୬୨) ୨୦୧୬ ଜୁଲାଇ ୧୭ ତାରିଖରେ ସାଇକେଲରେ ଛାପର ଗାଁରୁ ଘରକୁ ଅପରାହ୍ନରେ ଫେରୁଥିଲେ । ଗାଁ ଠାରୁ ୫୦ ମିଟର ଦୂରରେ ସେହି ଗାଁର ମହେଶ୍ୱର ମାଝି, ମଙ୍ଗଳସାଏ ଭତରା, ବଳି ଭତରା, ଡମ୍ବୁନାଥ ଭତରା, ବଲବ ଭତରା, ବଳି ଭତରା ମିଶି ଦେବଙ୍କୁ ଅଟକାଇ ମାରପିଟ କରି ରାସ୍ତାକଡକୁ ଟାଣି ନେଇଥିଲେ । ଏହି ସମୟରେ ଦେବଙ୍କ ସାନଭାଇ ପୂର୍ଣ୍ଣ ଭତରା(୪୪) ଓ ତାଙ୍କ ସ୍ତ୍ରୀ ପଦ୍ମା ଭତରା, ଭାଣିଜୀ ମନମତି ଭତରା, ମଦନ ଭତରା ଜମିରେ କାମ କରୁଥିଲେ । ଦେବଙ୍କ ପାଟି ଶୁଣି ଘଟଣା ସ୍ଥଳରେ ପହଞ୍ଚିଥିଲେ। ମଙ୍ଗଳସାଏ ଦେବଙ୍କ ମୁଣ୍ଡକୁ ଠେଙ୍ଗାରେ ପିଟିଥିଲେ ଏବଂ ମହେଶ୍ୱର ଟାଙ୍ଗିଆରେ ମୁଣ୍ଡକୁ ତିନି ଚୋଟ ମାରିଥଲେ । ପରେ ମହେଶ୍ୱରଙ୍କ ଠାରୁ ଟାଙ୍ଗିଆ ନେଇ ଦେବଙ୍କ ବେକକୁ ଗୋଟିଏ ଚୋଟ ମଙ୍ଗଳସାଏ ପକାଇଥଲେ । ଘଟଣାସ୍ଥଳରେ ଦେବଙ୍କ ମୃତ୍ୟୁ ଘଟିଥିଲା । ଦେବଙ୍କ ସାନଭାଇ ପୂର୍ଣ୍ଣଙ୍କୁ ମଧ ହତ୍ୟା ଧମକ ଦେଇଥିଲେ । ଘଟଣା ସ୍ଥଳକୁ ସ୍ଥାନୀୟ ଲୋକ ଆସିବା ପରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ । ଏନେଇ ଦେବଙ୍କ ସାନ ଭାଇ ପୂର୍ଣ୍ଣ ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ କେସ ନମ୍ବର ୧୩୦/୧୬ ରୁଜୁ କରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ । କୋର୍ଟ କେସ ନମ୍ବର ୨୫୪/୧୬ ରୁଜୁ ହୋଇ ଘଟଣାଟି ବିଚାରାଧୀନ ରହିଥିଲା । ୨୦ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମଙ୍ଗଳସାଏ ଭତରା ଓ ମହେଶ୍ୱର ମାଝିଙ୍କୁ ଧାରା ୩୦୨/୩୪ରେ ଆଜୀବନ କାରାଦଣ୍ଡ, ୫ ହଜାର ଟଙ୍କା ଲେଖାଏଁ ଜରିମନାରେ ଜିଲା ଦୌରା ଜଜ୍ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟେ ଏକ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ଦେଇଛନ୍ତି। ସେହିଭଳି ଧାରା ୩୨୩/୩୪ରେ ଡମ୍ବୁନାଥ ଭତରା, ବଳି ଭତରା, ବଳି ଭତରା ଓ ବଲବ ଭତରାଙ୍କୁ ୬ ମାସ ଲେଖାଏଁ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ କରିଛନ୍ତି। ଅତିରିକ୍ତ ପ୍ଲବିକ ପ୍ରସିକ୍ୟୁଟର ସଚିନନ୍ଦନ ସ୍ୱାଇଁ ଓ ସୁଧାକର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ମା' ମଙ୍ଗଳା ଠାକୁରାଣୀଙ୍କ ଯାତ୍ରା ନିମନ୍ତେ ବୈଠକ

ଉମରକୋଟ, ୧୯।୨ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ କମିଟିର ସଦସ୍ୟ ଓ ଅନ୍ୟମାନେ।

ସ୍ଥାନୀୟ ମଙ୍ଗଳାମନ୍ଦିର ପ୍ରାଙ୍ଗଣରେ ମା'ମଙ୍ଗଳାଙ୍କ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତ୍ରିନାଥ ପରିଛା ସଭାପତିତ୍ୱ କରିଥିଲେ । ବୈଠକର ଆରମ୍ଭରେ ପୂର୍ବତନ ଯାତ୍ରା କମିଟିର ସମ୍ପାଦକ କଟେଶ୍ୱର ପଟ୍ଟନାୟକ ଗତବର୍ଷ ମା'ଙ୍କ ଯାତ୍ରା ନିମନ୍ତେ ଖର୍ଚ୍ଚ ବିବରଣୀ ପାଠ କରିଥିଲେ । ପୂର୍ବତନ ସଭାପତି ଅଶୋକ କୁମାର ବେବର୍ତ୍ତା ଗତବର୍ଷ ମା'ଙ୍କ ଯାତ୍ରା ନିମନ୍ତେ ଖର୍ଚ୍ଚ ଅଟକଳ ଦେବା ପରେ ବଳକା ହୋଇଥିବା ଅର୍ଥ ୧ଲକ୍ଷ ୧୦ ହଜାର ଟଙ୍କା କମିଟିକୁ ପ୍ରଦାନ କରିଥିଲେ । ମା' ମଙ୍ଗଳାଙ୍କ ପୂଜାରୀ ଭୁବନ ପୂଜାରୀ, ମା' ପେଣ୍ଡ୍ରାଣି ମା'ଙ୍କ ଶିରା ବଲ୍ଲଭ ଶିରା ଉଭୟେ ଏହି ବୈଠକ ନିମନ୍ତେ ଆଗତ କରିଥିଲେ । ଚଳିତି ବର୍ଷର ମା' ମଙ୍ଗଳା ଠାକୁରାଣୀଙ୍କ ୯ ଦିନ ଯାତ୍ରା ଓ ଫଗୁଣ ଯାତ୍ରା ତୁଲାଇବା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ଏହି ମା'ଙ୍କ ଯାତ୍ରା କମିଟିର ସଭାପତିଭାବେ ବିଶ୍ୱନାଥ ପ୍ରତାପ ସିଂ ଏବଂ ଉପସଭାପତି ସନ୍ତୋଷ ପରିଛା ଓ ସମ୍ପାଦକ ପିଣ୍ଟୁ ବିଷୋୟୀ ଏବଂ କୋଷାଧକ୍ଷ ବାଳକୃଷ୍ଣ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଶେଷରେ ଯାତ୍ରା କମିଟିର ପୌରହିତ୍ୟ ତ୍ରିନାଥ ମିଶ୍ର ପାଞ୍ଜି ଦେଖି ମାର୍ଚ୍ଚ ୫ ତାରିଖରୁ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଦୋଳଯାତ୍ରା ଅନୁଷ୍ଠିତ କରାଯିବ । ମାର୍ଚ୍ଚ ୩୦ ତାରିଖଠାରୁ ମା' ମଙ୍ଗଳାଙ୍କ ଠାକୁରାଣୀ ଯାତ୍ରା ୯ ଦିନ ଧରି ଅନୁଷ୍ଠିତ ହେବ । ଉମରକୋଟ ଅଞ୍ଚଳର ଆଖପାଖ ଗ୍ରାମର ଗାଁଉଟିଆ, ଶିରା, ପୂଜାରୀମାନେ ଉପସ୍ଥିତ ରହି ମତାମତ ଦେଇଥିଲେ । ଏହି ବୈଠକରେ ଉମରକୋଟ ସହରର ବୁନୁ ପଟ୍ଟନାୟକ, ପୂର୍ବତନ ଯାତ୍ରା କମିଟିର ସଭାପତି ପି. ରାବଣା ରାଓ, ବୁଢ଼ା ମିଶ୍ର, ବାବି ସାନ୍ତା, ଅଶୋକ ବେବର୍ତ୍ତା ଏବଂ ରବି ନନ୍ଦ, କାଲୁ ପଣ୍ଡା, ରଜତ ସାନ୍ତା, ସଚିନ ସୁବୁଦ୍ଧି, କୃଷ୍ଣ ଶିରା, କୈଳାସ ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ଓକିଲ ରାମ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ନବରଙ୍ଗପୁର,୧୯।୨(ବି.ପ୍ର)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାଲେଗାଁ ଗାଁର ରେଖା ହରିଜନ (୪୦)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। କୋଡିଙ୍ଗା ଥାନା ଅଧୀନ ଭାସ୍କେଲ ନଦୀ କୂଳରେ ଥିବା କାଜୁ ବଗିଚାରେ ରେଖାଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକ କୋଡିଙ୍ଗା ଥାନାରେ ଜଣାଇଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି।

### କ୍ୟାରିୟର କାଉନ୍ସିଲିଂ କାର୍ଯ୍ୟକ୍ରମ

ଝରିଗାଁ,୧୯।୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ କ୍ୟାରିୟର କାଉନ୍ସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧକ୍ଷ ଶିବପ୍ରସାଦ ପଟ୍ଟନାୟକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଦେବେନ୍ଦ୍ର ବାହଦୂର ସିଂ ଧୁରୁଆ ଉପସ୍ଥିତ ରହି ବିଦ୍ୟାର୍ଥିମାନେ କିପରି ନିଜ ସ୍ୱପ୍ନକୁ ସାକାର କରିପାରିବେ ଏବଂ କେଉଁ କାର୍ଯ୍ୟ ପାଇଁ କିପରି ପ୍ରସ୍ତୁତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ ପ୍ରଦାନ କରିଥିଲେ। ବର୍ତ୍ତମାନ ଠାରୁ ନିଜକୁ ଗୁରୁତ୍ୱ ଦେଇ ସଚେତନତା ରହିଲେ ନିଜ କ୍ୟାରିୟର ଗଠନ କରିବାରେ ସଫଳ ହୋଇପାରିବ ବୋଲି ଅଧକ୍ଷ ଶିବପ୍ରସାଦ ପଟ୍ଟନାୟକ କହିଥିଲେ। ଏହି ଅବସରରେ ଅଧାପକ ଗୋପାଳ ମହାରଣା, ଶଙ୍କର କୁମାର ନାଲା, ସନ୍ତୋଷ କୁମାର ଖିଲାର,ଅଧାପିକା ତୁଷାରୀ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତର ବିଭିନ୍ନ ମାର୍ଗ ସମ୍ପର୍କରେ ମତାମତ ଦେଇଥିଲେ।




# ଋଣ ଆଦାୟମେଳା



ଋଣ ମେଳାରେ ଉପସ୍ଥିତ ଅଧିକାରୀମାନେ।

ରାଇଘର,୧୯।୨ (ଡି.ଏନ.ଏ)

ନବରଙ୍ଗପୁର ଜିଲା ଅନ୍ତର୍ଗତ ରାଇଘର ବ୍ଲକ ମୁଖ୍ୟଦପ୍ତରରେ ଅବସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଏକ ଋଣ ଆଦାୟମେଳା ଗୋନା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଆର.ଏମ ରବୀନ୍ଦ୍ର ନାରାୟଣ ମହାପାତ୍ର ଯୋଗ ଦେଇ ଉପସ୍ଥିତ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଋଣ ଦେଣ ନେଣ ସମ୍ପର୍କରେ ବୁଝାଇ ଥିଲେ । ରାଇଘର ବ୍ୟାଙ୍କ ଶାଖା ପରିଚାଳକ କୃପାସିନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ମ୍ୟାନେଜର (ଆଡଭାନ୍ସ ) ଅସୀମ ପାତ୍ର, ରାଇଘର ମହାବିଦ୍ୟାଳୟର ଅଧାପକ ରମେଶ ପଟ୍ଟନାୟକ ଓ ଦିବାକର ଦେ, ଓଡିଶା ଜୀବିକା ମିଶନର ବିପିଏମ ଅଜୟ ସାହୁ, ରାଇଘର ବ୍ଲକ ଏବିଡିଓ ବିଜୟ ସେଠୀ, ହଳଦୀ ସରପଞ୍ଚ ଉପେନ୍ଦ୍ର ଗଣ୍ଡ,ଗୋନା ବ୍ୟାଙ୍କ ଶାଖା ପରିଚାଳକ ସୁବଳ ବିଶ୍ୱାସ, ମଙ୍ଗୁଲୁ ବେହେରା, ଏଫଓ ମୁକୁନ୍ଦ ସାହୁ ସହଯୋଗ କରିଥିଲେ । ଚାଷୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ନଥିବା ବେଳେ ୩ ଲକ୍ଷ ପର୍ଯ୍ୟନ୍ତ ୨% ସୁଧ ଦେବାକୁ ହୋଇଥାଏ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ୩ ଲକ୍ଷ ପର୍ଯ୍ୟନ୍ତ ସୁଧ ଦେବାକୁ ପଡିଥାଏ । ଚାଷୀଙ୍କୁ ବ୍ୟବସାୟୀମାନେ ୩ ଗୁଣ ସୁଧ ନେଇ ଶୋଷଣ କରୁଛନ୍ତି । ତଥାପି ଚାଷୀ ମାନେ ବୁଝି ପାରୁ ନାହାନ୍ତି। ଏଣୁ ସମସ୍ତଙ୍କ ସହଯୋଗ ବ୍ୟାଙ୍କ ସହ ରଖିଲେ ସମସ୍ତଙ୍କୁ ସୁବିଧା ସୁଯୋଗ ମିଳିବ ବୋଲି କହିଥିଲେ । ଏହି ଋଣ ଆଦାୟ ମେଳା ରେ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ମାନଙ୍କ ଠାରୁ ୧୭ ଲକ୍ଷର ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିବା ଜଣା ପଡିଛି । ଏହି ଋଣ ଆଦାୟ ମେଳାରେ ୩୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ।

# 'ଆର୍ଯ୍ୟାବର୍ତ୍ତର ମର୍ମକଥା' ପୁସ୍ତକ ଲୋକାର୍ପଣ

ନବରଙ୍ଗପୁର,୧୯।୨(ବି.ପ୍ର.)

କବି ନାରାୟଣ ପଣ୍ଡାଙ୍କ ଦ୍ୱିତୀୟ ପ୍ରବନ୍ଧ ପୁସ୍ତକ 'ଆର୍ଯ୍ୟାବର୍ତ୍ତର ମର୍ମକଥା' ସ୍ଥାନୀୟ ବୈଭବ କଲ୍ୟାଣ ମଣ୍ଡପ ଠାରେ ଲୋକାର୍ପଣ ହୋଇଛି । ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରି କବି ଓ ଲେଖକ ମାନେ ୪ଟି ସ୍ତମ୍ଭକୁ ଦିଗଦର୍ଶନ ଦେବାକୁ କହିଥିଲେ । ଜିଲାର ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସାହିତ୍ୟିକ ମାନେ ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜଗନ୍ନାଥ ମହାପାତ୍ର, ସମିକ୍ଷକ ଓ ଗବେଷକ ଶ୍ରୀରଙ୍ଗ ନାୟକ, ସାହିତ୍ୟିକ ରଜତ କୁମାର ଷଡଙ୍ଗି, ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ । ଏହି ଅବସରରେ ୧୧ ଜଣ ସାହିତ୍ୟ ପତ୍ରିକା ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା । ଗୋପବନ୍ଧୁ ବିଷୋୟୀ, ଡଃ. ଓମକାର ପଟ୍ଟନାୟକ, ଧବରେନ କୁମାର ମଲ୍ଲୀକ, ଅଧାପକ ପରିକ୍ଷୀତ ସାହୁ, ଟୁଟୁବାବୁ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ରାଉତ, ଅଶୋକ କୁମାର ପଟ୍ଟନାୟକ, ରାଜୀବ ଲୋଚନ ପଟ୍ଟନାୟକ, ଏମ. ହିମାଂଶୁ ଆଚାରୀ, ସହଦେବ ପରିଡାଙ୍କୁ ସ୍ମୃତି ଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କବି ରତିକାନ୍ତ ଦୁବେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କବି ମାରୁତି ଚନ୍ଦ୍ର ଦାଶ ଓ ହରିହର ନାୟକ ସଙ୍ଗୀତ ଗାନ କରିଥିଲେ । ପଣ୍ଡାଙ୍କ ଲେଖନୀରୁ ଅଧିକରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇ ଉତ୍କଳବାଣୀ ଭଣ୍ଡାରର ଶ୍ରୀ ବୃଦ୍ଧି ସାଧନ କରୁ ବୋଲି ନାରାୟଣ ପାତ୍ର, ଓମକାର ପଟ୍ଟନାୟକ, ବଲ୍ଲଭ ରାଉତ, ନିରଂଜନ ମିଶ୍ର, ଡଃ ରଘୁନାଥ ଶତପଥି, ଟୁଟୁବାବୁ ପଟ୍ଟନାୟକ ପ୍ରମୁଖ ଆଶା ପ୍ରକାଶ କରିଥିଲେ । ନାଟ୍ୟକାର ଜଗନ୍ନାଥ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ଓକିଲ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର, କୁଂଜ ବିହାରି ପାଠାଗାର ସଙ୍ଗଠନ ସମ୍ପାଦକ ଦେବାଶିଷ ପଟ୍ଟନାୟକ, କବି ହର ପ୍ରସାଦ ଦାଶ, କପିଳ ଚନ୍ଦ୍ର ମହାନ୍ତି, ସୁବୋଧ କୁମାର ଧଳ, ଅଧାପକ ସୁରେନ୍ଦ୍ର କୁମା ବିଷୋୟୀ, ବାସନ୍ତି ଲତା ଜେନା, ଦେଶ ବନ୍ଧୁ ସାହୁ, ନରେନ୍ଦ୍ର ପାଳ, ରବିନ୍ଦ୍ର ସାହୁ, ଦେବବ୍ରତ ସାମନ୍ତରାୟ, ଡଃ. ରାଧାନାଥ ବେହେରା, କୁମୁଦ ଚନ୍ଦ୍ର ପଟ୍ଟନାୟକ, ଜେମାମଣି ବିଷୋୟୀ, ହୃଷି କେଷ ଦାଶ ଉପସ୍ଥିତ ଥିଲେ ।

# ଫସଲ ସମ୍ପର୍କିତ ଆଲୋଚନା ଚକ୍ର




ମୁଖ୍ୟଅତିଥି ଜଣେ ଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

ଡାବୁଗାଁ, ୧୯।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଗ୍ରାମରେ ଇଣ୍ଡିଆନ ପୋଟାସ କମ୍ପାନୀ ତରଫରୁ ଫସଲ ସମ୍ପର୍କିତ ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ପୋଟାସ କମ୍ପାନୀର କ୍ଷେତ୍ର ଅଧିକାରୀ ଚିରଞ୍ଜିବୀ ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ମୁଖ୍ୟ ଜିଲା କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା ଯୋଗ ଦେଇ ବିଭିନ୍ନ ଫସଲରେ ସାରର ଆବଶ୍ୟକତା, ପୋଟାସ ସାରର ବ୍ୟବହାର ବିଷୟରେ ଆଲୋଚନା କରିବା ସହ ଚାଷୀ ମାନେ ମୃତ୍ତିକା ପରୀକ୍ଷା କରି ଅନୁମୋଦିତ ହାରରେ ସାର ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ପୋଟାସ କମ୍ପାନୀର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଚନ୍ଦ୍ର ସିହ୍ନା ଯୋଗ ଦେଇ ଆଇପିଏଲ କମ୍ପାନୀର ମିଳୁଥିବା ବିଭିନ୍ନ ପ୍ରକାର ରାସାୟନିକ ସାର ଉପରେ ଆଲୋଚନା କରିଥିଲେ । ଏଥିରେ ଓଡିଶା କୃଷି ଶିଳ୍ପ ନିଗମ ଜିଲା ପରିଚାଳକ ଆଶିଷ କୁମାର ସିଂ, ଝରିଗାଁ ବ୍ଲକ କୃଷି ଅଧିକାରୀ ନରେନ୍ଦ୍ର କୁମାର ପଣ୍ଡା, ଉମରକୋଟ ବ୍ଲକ କୃଷି ଅଧିକାରୀ ବିଧୁ ଭୂଷଣ ମହାକୁଡ ଯୋଗ ଦେଇଥିଲେ। ଏଥିରେ ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ କମ୍ପାନୀ ତରଫରୁ ସମ୍ମାନୀତ କରଯାଇଥିଲା । ଇଣ୍ଡୋ କାନାଡିଆନ ପୋଟାସ ପ୍ରମୋଶନ ପ୍ରୋଜେକ୍ଟର ରାଜ୍ୟ ମୁଖ୍ୟ ବି. ନରସିଂହ ଦୋରା ଧନ୍ୟବାଦ ଦେଇଥିଲେ ।

### ମାର୍‌ପିଟ୍ ଘଟଣା

## ବାପ, ପୁଅଙ୍କୁ କୋର୍ଟଚାଲାଣ

ଗୋପାଳପୁର,୧୯।୨

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ବ୍ୟକ୍ତିଙ୍କୁ ଗାଳିଗୁଲଜ ଓ ମାଡ଼ ମାରିବା ଅଭିଯୋଗରେ ତିନିଜଣ ଆହତ ହୋଇଥିବା ବେଳେ ଗୋପାଳପୁର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏଥିରେ ଗୋଟିଏ ମାମଲାର ବାପ,ପୁଅଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଉଞ୍ଜୁ ଗ୍ରାମ ଧୋବା ସାହିର ବାବୁ ସେଠୀ (୫୦) ଓ ପୁଅ ଶ୍ରୀନିବାସ (୨୦)। ସୋମବାର ସନ୍ଧ୍ୟାରେ ବାବୁଙ୍କୁ ସୀମାଞ୍ଚଳ ସେଠୀ ପୂର୍ବ ଶତ୍ରୁତାରୁ ଠେଲାପେଲା କରିଥିଲେ। ରାତି ପ୍ରାୟ ୧୦ଟାରେ ବାବୁ ସେଠୀଙ୍କ ପୁଅ ଓ ସମ୍ପର୍କୀୟ ସୀମାଞ୍ଚଳଙ୍କ ଘର ନିକଟକୁ ଯାଇ ପଚାରିବାରୁ ମାରପିଟ ହୋଇଥିଲା। ଏଥିରେ ତିନିଜଣ ଆହତ ହୋଇଥିଲେ। ଗୋପାଳପୁର ଥାନାରେ ସୀମାଞ୍ଚଳଙ୍କ ଅଭିଯୋଗକ୍ରମେ ନଂ.୨୧/୨୦ରେ ଓ ବାବୁ ସେଠୀଙ୍କ ପାଲଟା ଅଭିଯୋଗକ୍ରମେ ନଂ. ୨୨/୨୦ରେ ମାମଲା ରୁଜୁ ହୋଇଛି। ସୀମାଞ୍ଚଳଙ୍କ ଏତଲା ପ୍ରକାରେ ବାବୁ ଓ ପୁଅ ଶ୍ରୀନିବାସଙ୍କୁ ପୋଲିସ ଗିରଫ କରିଛି।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଦାବିପତ୍ର

ନବରଙ୍ଗପୁର,୧୯।୨(ବି.ପ୍ର.)



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ୫ ପ୍ରତିଶତ ମହଙ୍ଗାଭତ୍ତା, ସପ୍ତମ ବେତନ ଆଧାରରେ ଘରଭଡା, ଗଚ୍ଛିତ ବକେୟା ପ୍ରାପ୍ୟ ୬୦ ପ୍ରତିଶତରୁ ୧୦ ପ୍ରତିଶତ ପ୍ରଦାନ ଦାବି କରିଛନ୍ତି । ଏଥିସହ ମୃତ୍ୟୁକାଳୀନ ନିଯୁକ୍ତି ଘୋଷଣାକୁ ବିରୋଧ କରିଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ରାଜ୍ୟରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫ ପ୍ରତିଶତ ଡିଏ ପ୍ରଦାନ ୪୦ ବର୍ଷର ଇତିହାସକୁ ବଦଳାଇ ଦେଇଛି । ଶିକ୍ଷାଗତ ଯୋଗ୍ୟତା ଥାଇ ମଧ ଜଣେ କର୍ମଚାରୀର ମୃତ୍ୟୁରେ ପରିବାର ସଦସ୍ୟ ଗ୍ରୁପ-ଡିରେ ନିଯୁକ୍ତି ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଏହାସହିତ ଦୀର୍ଘ ବର୍ଷ ଧରି ଶିକ୍ଷକମାନଙ୍କୁ ପଦୋନ୍ନତି ନଦେବା, ନୂତନ ପେନସନ ଯୋଜନାରୁ ବାତିଲ ନକରିବା, ତାଲିମ ପ୍ରାପ୍ତ ପାରା ଓ ଗଣ ଶିକ୍ଷକମାନଙ୍କୁ ବିନା ଓଟିଇଟିରେ ସ୍ଥାୟୀ ନିଯୁକ୍ତି ଦେବା, ଏକ୍ସ-କ୍ୟାଡର ଉଚ୍ଛେଦ କରି କ୍ୟାଡର ଭୁକ୍ତ କରିବା, ମଧାହ୍ନ ଭୋଜନରୁ ଶିକ୍ଷକଙ୍କୁ ମୁକ୍ତ କରିବା, ଏନପିଏସ ବନ୍ଦକରି ପୁରୁଣା ପେନସନ ଲାଗୁକରିବା, ଅସ୍ଥାୟୀ ସ୍ଥାୟୀ ନରିବା ଦ୍ୱାରା ଶିକ୍ଷକ ମାନଙ୍କୁ ମାନସିକ ସ୍ତରରେ ଶିକ୍ଷାଦାନ କରିବାରେ ବ୍ୟାଘାତ ସୃଷ୍ଟି କରୁଛି । ମୁଖ୍ୟମନ୍ତ୍ରୀ ଏହି ଦାବିଗୁଡିକୁ ବିଚାର କରି ଘୋଷିତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ନ୍ୟାୟ ପ୍ରଦାନ କରିବାକୁ ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଉପଦେଷ୍ଟା ଆଇନଜୀବୀ ରାମ ପ୍ରସାଦ ପାତ୍ର, ଜିଲା ସଭାପତି ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ଉପସଭାନେତ୍ରୀ ନାଗେଶ୍ୱରୀ ପଟ୍ଟନାୟକ, ଗୋପିନାଥ ମହାନ୍ତି, ସାଧାରଣ ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଭୁବନୀ ହରିଜନ, ପ୍ରମୋଦ କୁମାର ଦଳେଇ, ମିନାକ୍ଷୀ କୁମାରୀ ଭୂୟାଁ, ଦେବୀଦାସ ଗଣ୍ଡ, କୃପାନିଧି ସିଂ, ପ୍ରତିମା କୁମାରୀ ଯାଦବ, ରାଜ୍ୟ ଉପସଭାପତି ସନନ୍ତ ପ୍ରହରାଜ, ରାଇଘର ସଭାପତି ବୃନ୍ଦାବନ ଦୁର୍ଗା, ସମ୍ପାଦକ ପୂର୍ଣ୍ଣ ବିଶ୍ୱାସ, ପାପଡାହାଣ୍ଡିର ସୁଦର୍ଶନ ମାଝୀ, ରତିକାନ୍ତ ପଣ୍ଡା, କୋଷାଗୁମୁଡାର ଅଞ୍ଜନ କୁମାର ଖଟୁଆ, ଘନ ଅମନାତ୍ୟ, ନନ୍ଦାହାଣ୍ଡିର ଗଲତି ସଗରିଆ, ଆଲୋକ ସୁନା, ନବରଙ୍ଗପୁର ବ୍ଲକ ସଭାପତି ବସନ୍ତ ବେନିଆ, ବୈଦନାଥ ଦାଶ, ଭବାନୀ ମହାପାତ୍ର, ତେନ୍ତୁଳିଖୁଣ୍ଟି ବ୍ଲକର କ୍ଷେତ୍ର ମୋହନ ବିଷୋୟୀ, ପ୍ରଦୀପ ସୁନା, ଡାବୁଗାଁର ଦୟାନିଧି ବଞ୍ଜାରା, ଦିବାକର ବାରିକ, ଝରିଗାଁର ଚଞ୍ଚଳା ପୂଜାରୀ ଓ ଜୟକୃଷ୍ଣ ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ। -ଫ୍ରାଙ୍କଲିନ୍



## ସଂକ୍ଷେପରେ

### ପଙ୍କଜ ପାତ୍ର ଏସ୍‌ୟୁଜେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ



ଚାନ୍ଦିଲି(କୋଟପାଡ଼),୧୯।୨(ଡି.ଏନ୍.ଏ.): ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ର ରାଜ୍ୟ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି ଆଇନଜୀବୀ ତଥା କୋଟପାଡ଼ ପ୍ରେସ କ୍ଲବ ସଭାପତି ପଙ୍କଜ କୁମାର ପାତ୍ର। ନାରାୟଣପାଟଣାରେ ଆୟୋଜିତ କୋରାପୁଟ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ଓ ଏସ୍‌ୟୁଜେ ସଭାପତି ଅଜୟ ସାହୁ ପାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘ ସଭାପତି ଓମ୍‌ପ୍ରକାଶ ସିହ୍ନା, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ସୁବାସ ଦାଶଙ୍କ ସମେତ କୋଟପାଡ଼ ପ୍ରେସ କ୍ଲବ ଉପଦେଷ୍ଟା ମୁକ୍ତେଶର ନାୟକ, ଉପସଭାପତି ରାଜଶେଖର ରାଓ, ସମ୍ପାଦକ ଶଙ୍କର ପଣ୍ଡା, ପ୍ରଦୀପ ବକ୍ସି, କୋଷାଧ୍ୟକ୍ଷ ସୁନୀଲ ଦାଶ, ସନାତନ ଦାଶ, ଥବିର ସମରଥ, ବସନ୍ତ ପେଗୋଡ଼, ହେମନ୍ତ ମାଝୀ, ଅନୁପ ମିର୍ଦ୍ଧା, ଦୀପକ ପଟ୍ଟନାୟକ ଏନେଇ ଶୁଭେଚ୍ଛା ଜଣାଇଛନ୍ତି।

### ଜଳିଗଲା ଗୋଟିଏ ଏକର ପାଳଗଦା

ଦଶମନ୍ତପୁର,୧୯।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ କୁମ୍ଭାର ସାହିରେ କୁମ୍ଭାରଙ୍କ ମାଟିହାଣ୍ଡି ପୋଡ଼ିବା ପାଇଁ ରଖାଯାଇଥିବା ପାଳଗଦା ପୋଡ଼ି ନଷ୍ଟ ହୋଇଛି। ସାହିରେ ପ୍ରାୟ ୬୦ ଘର ରୁହନ୍ତି। ସେମାନଙ୍କ ମୁଖ୍ୟ ଜୀବିକା ହେଲା ମାଟିହାଣ୍ଡି ତିଆରି କରି ହାଟରେ ବିକିବା। ସେଥିପାଇଁ ସେମାନେ ଚାଷୀଙ୍କଠାରୁ ପାଳ କିଣିଆଣି ଗୋଟିଏ ଏକର ଜାଗାରେ ଗଦା କରିଥିଲେ। ସେହି ପାଳ ନିଆଁରେ ମାଟିହାଣ୍ଡି ପୋଡ଼ି ବର୍ଷକର ରୋଜଗାର ପାଇଥାନ୍ତେ। କିନ୍ତୁ ବୁଧବାର ଅପରାହ୍ନ ୩ଟାରେ ହଠାତ୍ ସେଥିରେ ନିଆଁ ଲାଗି ସବୁ ପୋଡ଼ି ଯାଇଥିଲା। ଦଶମନ୍ତପୁର ଅଗ୍ନିଶମ ଅଧିକାରୀ ଆର୍.ଏସ୍. ନାୟକ ଓ ତାଙ୍କ ଟିମ୍ ଏବଂ ଟିକିରି ଉତ୍କଳ ଆଲୁମିନା ପକ୍ଷରୁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାଳଗଦା ପୋଡ଼ିଯିବା ପରେ ମାଟିହାଣ୍ଡି କିପରି ପୋଡ଼ିବେ, ସେହି ଚିନ୍ତାରେ ଥିବା ଭୀମ ଚଲାଣ, ହରିଶ୍ଚନ୍ଦ୍ର ନାୟକ, ଜଗବନ୍ଧୁ ଚଲାଣ, ଗୋପୀ ଚଲାଣ କହିଛନ୍ତି। ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କି କହିଛନ୍ତି, କ୍ଷତି ଆକଳନ ପାଇଁ କର୍ମଚାରୀଙ୍କୁ ପଠାଯିବ।

### ଶିକ୍ଷକ ନ ଦେଲେ ସ୍କୁଲରେ ତାଲା

ଦଶମନ୍ତପୁର,୧୯।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥା ଉଜୁଡ଼ିବାରେ ଲାଗିଛି। ଶିକ୍ଷା ବିଭାଗ ଜାଣିଶୁଣି ଦୃଷ୍ଟି ଦେଉ ନ ଥିବାରୁ ଏଥିରେ ଅତିଷ୍ଠ ହୋଇ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ବିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣିଙ୍କୁ ଦାବିପତ୍ର ଦେଇଛନ୍ତି। ଦଶମନ୍ତପୁର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଥିବାବେଳେ ସେଥିରୁ ଜଣେ ଶିକ୍ଷୟିତ୍ରୀଙ୍କୁ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କରାଯାଇଛି। ସେହିପରି ସ୍ଥାନୀୟ ମଧ ଇଂରାଜୀ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିବାବେଳେ ପ୍ରଧାନ ଶିକ୍ଷକ ଛୁଟିରେ ରହିଛନ୍ତି। କେବଳ ୨ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏଥିରେ ଅତିଷ୍ଠ ହୋଇ ବୁଧବାର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ଡାକୁଆ, କୃପା ରାଏ, ହରିଶ୍ଚନ୍ଦ୍ର ସଗରଙ୍କ ସମେତ ଅଭିଭାବକମାନେ ଏବିଇଓ ତରଣୀସେନ ମୁଣ୍ଡା କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ ବରିଷ୍ଠ କିରାଣି ଗୌରୀଶଙ୍କର ଶତପଥୀଙ୍କୁ ଦାବିପତ୍ର ଦେଇଛନ୍ତି। ୫ ଦିନ ଭିତରେ ୨ଟି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଦିଆ ନ ଗଲେ ବିଦ୍ୟାଳୟ ଓ ବିଇଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ବାଧହେବୁ ବୋଲି ପରିଚାଳନା କମିଟି ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।



# କେନ୍ଦ୍ରରେ ୧୪,୧୯୩ ପରୀକ୍ଷାର୍ଥୀ, ୩୮୯ ଅନୁପସ୍ଥିତ

ଜୟପୁର,୧୯।୨(ଡି.ଏନ୍.ଏ.)

କୋରାପୁଟ ଜିଲାର ସହର ଓ ଗ୍ରାମାଞ୍ଚଳରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା କଡ଼ା ସୁରକ୍ଷା ଭିତରେ ଆରମ୍ଭ ହୋଇଛି । ଜିଲାର ୬୨ କେନ୍ଦ୍ରରେ ସମୁଦାୟ ୧୪,୫୮୨ ଜଣଙ୍କ ମଧ୍ୟରୁ ବୁଧବାର ୧୪,୧୯୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୩୮୯ ଜଣ ଅନୁପସ୍ଥିତ ରହିଛନ୍ତି। ପୂର୍ବାହ୍ନରୁ ଜିଲାର ୧୦ଟି ନୋଡାଲ କେନ୍ଦ୍ରରୁ କଡ଼ା ପୋଲିସ ସୁରକ୍ଷା ଭିତରେ ପ୍ରଶ୍ନ ଓ ଉତ୍ତରଖାତା ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ପ୍ରଥମ ଦିବସରେ ପୂର୍ବାହ୍ନ ୯ଟାରୁ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ ପରେ ପରୀକ୍ଷା କେନ୍ଦ୍ର ଓ କକ୍ଷକୁ ପ୍ରବେଶ କରାଯାଇଥିଲା। ଜୟପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଟି ବିଦ୍ୟାଳୟର ୪୦୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୪ ଜଣ ଅନୁପସ୍ଥିତ ଥିଲେ। ମୋଟ ୪୦୦ ଜଣ ପରୀକ୍ଷା ଦେଇଥିଲେ। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫ଟି ବିଦ୍ୟାଳୟର ୨୮୨ ଜଣଙ୍କ ମଧ୍ୟରୁ ୨୭୭ ଜଣ, ସିଟି ହାଇସ୍କୁଲରେ ୨ଟି ବିଦ୍ୟାଳୟର ୨୬୮ରୁ ୨୬୭ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ବାରିଣିପୁଟ ପ୍ରକଳ୍ପ ବିଦ୍ୟାଳୟ କେନ୍ଦ୍ରରେ ୬ଟି ବିଦ୍ୟାଳୟର ୨୭୫ ଜଣଙ୍କ ମଧ୍ୟରୁ ୨୬୯ ଜଣ, ହରଡ଼ାପୁଟ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ଟି ବିଦ୍ୟାଳୟର ୩୦୯ ଜଣଙ୍କ ମଧ୍ୟରୁ ୩୦୧ ଜଣ, ଆମ୍ବାଗୁଡ଼ା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୮ଟି ବିଦ୍ୟାଳୟର ୨୭୪ ଜଣଙ୍କ ମଧ୍ୟରୁ ୨୬୯ ଜଣ, ଫାମ୍ପୁଣିସ୍ଥିତ ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ଟି ବିଦ୍ୟାଳୟର ୧୧୧ ଜଣଙ୍କ ମଧ୍ୟରୁ ୧୦୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ଜେସିଏନ୍ ହାଇସ୍କୁଲରେ ୩୨ ଜଣରୁ ୨୮ ଜଣ ପରୀକ୍ଷାରେ ବସିଥିଲେ। ସେହିପରି ମଧ୍ୟମା ପରୀକ୍ଷାରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୬ରୁ ୭ ଜଣ ଉପସ୍ଥିତ ଥିଲେ। ଜିଲା ଶିକ୍ଷା ବିଭାଗର ୩, ପ୍ରଶାସନର ୧ ଓ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ଯାଞ୍ଚ କରିଥିଲେ। ଜିଲାର ବିଡିଓ ଏବଂ ତହସିଲଦାରଙ୍କୁ ପର୍ଯ୍ୟବେକ୍ଷକ ଭାବେ ଜିଲାପାଳ ନିଯୁକ୍ତି କରିବା ସହ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ତଦାରଖ ପାଇଁ ପଠାଇଥିଲେ।

### ମାଟ୍ରିକ ପରୀକ୍ଷା ଆରମ୍ଭ




ଜୟପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପିଲାମାନେ ପରୀକ୍ଷା ଦେଇ ଫେରୁଛନ୍ତି।

## ପ୍ରଥମ ଦିବସରୁ ଉତ୍ସାହିତ ଛାତ୍ରୀଛାତ୍ର



ଅର୍ଚ୍ଚନା ପ୍ରଧାନ



ମଧୁସ୍ମିତା ସାହୁ



ବୈରାଗୀ ନାୟକ



ସୁମିତ୍ ସାହୁ

ଜୟପୁର/ଫାମ୍ପୁଣି,୧୯।୨(ଡି.ଏନ୍.ଏ.)

ଚଳିତ ବର୍ଷର ମାଟ୍ରିକ ବୋର୍ଡ଼ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। କୋରାପୁଟ ଜିଲା ଜୟପୁର ସହରର ସରକାରୀ ଉଚ୍ଚ ବାଳିକ ବିଦ୍ୟାଳୟରେ ପ୍ରଥମ ଦିବସରେ ପ୍ରଥମ ଭାଷା ଓଡ଼ିଆ ବିଷୟରେ ପରୀକ୍ଷା ସରଳ ରହିଥିବା ଅଧିକାଂଶ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ପ୍ରଥମ ଦିବସରେ ସରଳ ପ୍ରଶ୍ନ ଆସିଥିବା ଯୋଗୁ ଛାତ୍ରୀଛାତ୍ରଙ୍କୁ ତାହା ଉତ୍ସାହିତ କରିଛି। ଏନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଫାମ୍ପୁଣି ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚନା ପ୍ରଧାନ କହିଛନ୍ତି, ପ୍ରଥମଥର ବୋର୍ଡ ପରୀକ୍ଷା ଦେବାକୁ ଭୟ ଲାଗୁଥିଲା। କିନ୍ତୁ ପ୍ରଥମ ଭାଷା ଓଡ଼ିଆ ପ୍ରଶ୍ନପତ୍ର ଦେଖିବା ପରେ ସରଳ ପ୍ରଶ୍ନ ଯୋଗୁ ଉତ୍ତର ଲେଖିବାରେ ସହଜ ହୋଇଥିଲା। ଫଳରେ ଭୟ ଦୂର ହୋଇଛି। ପରୀକ୍ଷାରେ ଭଲ ନମ୍ବର ଆସିବ ବୋଲି ଆଶା ରହିଛି। ସେହିପରି ଚନ୍ଦନବାଡ଼ ଉଚ୍ଚ ବିଦ୍ୟାଳୟର ବୈରାଗୀ ନାୟକ କହିଛନ୍ତି, ଓଡ଼ିଆ ପ୍ରଶ୍ନପତ୍ର ସହଜ ଆସିଥିଲା। ତେଣୁ ପରୀକ୍ଷା ଭଲ ହୋଇଛି। ଆଶା କରୁଛି ୮୦ ପ୍ରତିଶତ ମାର୍କ ରହିବ ; କିନ୍ତୁ ମୂଲ୍ୟାୟନ ମଧ ସଠିକ ହେବାର ଆବଶ୍ୟକ ରହିଛି। ଚନ୍ଦନବାଡ଼ ଉଚ୍ଚ ବିଦ୍ୟାଳୟର ସୁମିତ ସାହୁ କହିଛନ୍ତି, ଓଡ଼ିଆ ପରୀକ୍ଷା ଭଲ ହୋଇନାହିଁ। ପ୍ରଶ୍ନ ଜଟିଳ ଥିଲା। ଆଶା କରୁଛି ୬୦ ପ୍ରତିଶତ ପର୍ଯ୍ୟନ୍ତ ମାର୍କ ଆସିବ। ଫାମ୍ପୁଣି ଉଚ୍ଚ ବିଦ୍ୟାଳୟର ମଧୁସ୍ମିତା ରାଉତ କହିଛନ୍ତି, ଓଡ଼ିଆ ପରୀକ୍ଷା ଭଲ ହୋଇଛି। ମୁଁ ପ୍ରସ୍ତୁତ ହୋଇଥିବା ପ୍ରଶ୍ନ ଆସିଥିବା ଯୋଗୁ ଉତ୍ତର ଲେଖିବାରେ କୌଣସି ସମସ୍ୟା ହୋଇନାହିଁ। ଆଶା କରୁଛି ୮୦ ପ୍ରତିଶତରୁ ଅଧିକ ମାର୍କ ଆସିବ।

## ଶୃଙ୍ଖଳାରେ ଆରମ୍ଭ ହେଲା ପରୀକ୍ଷା

କୋଲାବନଗର,୧୯।୨(ଡି.ଏନ୍.ଏ.)

କୋରାପୁଟ ଶିକ୍ଷା ଜିଲା ଅନ୍ତର୍ଗତ କୋଲାବନଗର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ଟି ହାଇସ୍କୁଲର ପିଲା ମାଟ୍ରିକ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରେ ଦେବୀଘାଟ ଆଶ୍ରମ ବିଦ୍ୟାଳୟ, ଦେବୀଘାଟ ଗ୍ରାମ ବିଦ୍ୟାଳୟ ଓ ଉମୁରି ଉଚ୍ଚ ବିଦ୍ୟାଳୟ ତଥା ଝଡ଼ିଗୁଡା ଉଚ୍ଚ ବିଦ୍ୟାଳୟର ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିବସରେ ମାତୃଭାଷା ପରୀକ୍ଷା ଦିଆଯାଇଛି। ପରୀକ୍ଷାକୁ ଶୃଙ୍ଖଳିତ ଓ କପିମୁକ୍ତ କରିବା ପାଇଁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଆଶିଷ ପାଢ଼ୀ ବ୍ୟାପକ ପ୍ରସ୍ତୁତି ଅବଲମ୍ବନ କରିଛନ୍ତି। ପରୀକ୍ଷା ଦିନ ୧୦ଟା ସମୟରେ ଆରମ୍ଭ ହୋଇ ୧୨ଟା ୩୦ ମିନିଟ୍‌ରେ ଶେଷ ହୋଇଥିଲା। ସ୍ଥାନୀୟ ପୋଲିସ କେନ୍ଦ୍ର ଚାରିପାଖେ ସୁରକ୍ଷା ବନ୍ଦୋବସ୍ତ କରିଥିଲେ। ପରୀକ୍ଷା କେନ୍ଦ୍ରର ସବୁ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିଲା।

## ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ: ୩ ଗିରଫ



ଗିରଫ ହୋଇଥିବା ୩ ଅଭିଯୁକ୍ତ।

ଜୟପୁର,୧୯।୨(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଟାଉନ ଥାନା ପୋଲିସ ଗତ ମଙ୍ଗଳବାର ଜୟନଗରସ୍ଥିତ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଲୁଟ୍ ଉଦ୍ୟମକୁ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ଧାରର ସୁଯୋଗ ନେଇ ଅନ୍ୟ ୨ ଜଣ ସେଠାରୁ ଖସିଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଜୟପୁର ସହର ଡଙ୍ଗାଗୁଡ଼ାର ରାହୁଲ ମାଛ (୨୦), ହାଟପଦାର ମୀନ ହିଆଲ (୩୧) ଓ ପାରବେଡ଼ାର ଶିବ ଖୋସ୍‌ଲା (୧୯)। ସେମାନଙ୍କ ନିକଟରୁ ଖଣ୍ଡା, ଲୁହା ଛଡ଼, ସ୍କ୍ରୁ ଡାଇଭର, ଲୁହା ହାମର ଜବତ ହୋଇଛି।

ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଜୟନଗରସ୍ଥିତ ପାର୍କ ନିକଟରେ କେତେକ ଦୁର୍ବୃତ୍ତ ଏକାଠି ହୋଇ ଆପରାଧିକ ଯୋଜନା କରୁଥିଲେ। ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ସୁନିତା ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏଥିରେ ୩ ଜଣଙ୍କୁ ଗିରଫ ପରେ ଥାନାକୁ ଆଣି ପଚରାଉଚରା ବେଳେ ସେମାନେ ଏସ୍‌ବିଆଇ ଏଟିଏମ୍ ଲୁଟ୍ ଯୋଜନା କରୁଥିବା କହିଥିଲେ। ଖସିଯାଇଥିବା ଦୁଇ ଅଭିଯୁକ୍ତ ସଞ୍ଜୟ ବେନିଆ ଓ ସନ୍ତୋଷ ମାଛ ବୋଲି ଗିରଫ ଅଭିଯୁକ୍ତମାନେ ପୋଲିସକୁ ସୂଚନା ଦେଇଛନ୍ତି। ଏନେଇ ଦଫା ୩୯୯ ଓ ୪୦୨ ଅନୁଯାୟୀ କେସ୍ ନଂ ୪୮/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉପରୋକ୍ତ ୩ ଅଭିଯୁକ୍ତ ଗତ ୩ ତାରିଖ ରାତିରେ ଡଙ୍ଗାଗୁଡ଼ା ଅଞ୍ଚଳ ବ୍ୟବସାୟୀ ପୂର୍ଣ୍ଣ ପଟ୍ଟନାୟକଙ୍କ ଘରେ ମାରଣାସ୍ତ୍ର ଧରି ପଶିବା ସହ ଡକାୟତି ଉଦ୍ୟମ କରିଥିବା ପୋଲିସକୁ କହିଛନ୍ତି।

## ଜୟପୁରରେ ପହଞ୍ଚିଲା ଯବାନଙ୍କ ମରଶରୀର

ଜୟପୁର,୧୯।୨(ନି.ପ୍ର.)

ଗୁଜୁରାଟରେ ଡ୍ୟୁଟି କରୁଥିବା ବେଳେ ବିଏସ୍‌ଏଫ୍‌ର ଜଣେ ଓଡ଼ିଆ ଯବାନ କୃଷ୍ଣଚନ୍ଦ୍ର ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ସେ ଜୟପୁର ବିକ୍ରମନଗରର ବାସିନ୍ଦା ହୋଇଥିବା ବୁଧବାର ତାଙ୍କ ପାର୍ଥିବ ଶରୀର ନିଜ ମାଟିରେ ପହଞ୍ଚିଛି। ଗୁଜୁରାଟରୁ ସ୍ୱତନ୍ତ୍ର ବିମାନ ଯୋଗେ ପାର୍ଥିକ ଶରୀର ବିଶାଖାପାଟଣା ଅଣାଯିବା ପରେ ସେଠାରୁ ଗାଡ଼ିରେ ଜୟପୁର ଅଣାଯାଇଥିଲା। ବୁଧବାର ସନ୍ଧ୍ୟା ୮ଟା୩୦ରେ କୃଷ୍ଣଙ୍କ ମରଶରୀର ଜୟପୁର ପହଞ୍ଚିବା ପରେ ସ୍ଥାନୀୟ ଗ୍ଲୋକାଲ ହସ୍‌ପିଟାଲରୁ ବିରାଟ ଶୋଭାଯାତ୍ରାରେ ତାଙ୍କ ଘରକୁ ନିଆଯାଇଥିଲା। ସେଠାରେ ଉପଜିଲାପାଳ ଲୋକନାଥ ଦଳବେହେରା, ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ଓ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ପହଞ୍ଚିଥିଲେ। ମୃତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ରଜାନଅରରେ ସୁର ଝଙ୍କାର ପକ୍ଷରୁ ସୁଗମ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା।

## କୁକୁଡ଼ାଗାଲିରେ ଚଢ଼ାଉ, ୧୬ ବାଇକ୍ ଜବତ

କୁନ୍ଦୁରା,୧୯।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରରୁ ୩ କିମି ଦୂର ଜିରାଗୁଡ଼ା କାଜୁ ବଗିଚାରେ ଚାଲିଥିବା କୁକୁଡ଼ା ଗାଲିରେ ଚଢ଼ାଉ କରାଯାଇଛି। କୁନ୍ଦୁରା ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ଓ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ୧୭ ଜଣଙ୍କୁ କାବୁ କରିଛି। ଏହାସହ ନଗଦ ୨୧,୫୦୦ ଟଙ୍କା, ୧୬ଟି ମୋଟର ସାଇକେଲ, ୬ଟି ମୋବାଇଲ, ଦୁଇଟି କୁକୁଡ଼ା ଓ ଦୁଇଟି କାତି ଜବତ ହୋଇଛି। ଉଲ୍ଲେଖଯୋଗ୍ୟ, କୁନ୍ଦୁରା ଥାନାରେ କାର୍ଯ୍ୟରତ କେତେକ କର୍ମଚାରୀଙ୍କ ବଳରେ ଚାଲୁଛି କୁକୁଡ଼ା ଗାଲି। ଗାଲି ଓ ଖୁଡଖୁଡି ଖେଳରେ ଲକ୍ଷାଧିକ ଟଙ୍କା ବାଜି ଲାଗୁଥିବା ବେଳେ ଯେଉଁମାନେ ମଧ୍ୟସ୍ଥି ରୁହନ୍ତି, ସେମାନେ କେତେ ଜଣ ଲୋକଙ୍କୁ ବଟି ଦେଇ କୁକୁଡ଼ା ଗାଲି ପରିଚାଳନା କରୁଛନ୍ତି।





ଜବତ ହୋଇଥିବା ଟଙ୍କା, ମୋବାଇଲ୍ ଓ ମୋଟରସାଇକେଲ୍।

## ୩୮୮ ଜଣ ଦେଲେ ପରୀକ୍ଷା

ଦାମନଯୋଡ଼ି,୧୯।୨(ଡି.ଏନ୍.ଏ.)

ମାଥାଲପୁଟସ୍ଥିତ ମାଲୁ ସାଉନ୍ତା ସରକାରୀ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ଦାମନଯୋଡ଼ିର ବିଭିନ୍ନ ସ୍କୁଲରୁ ୩୮୮ ଜଣ ଛାତ୍ରୀଛାତ୍ର ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷା ଦେଇଛନ୍ତି। ଏହି କେନ୍ଦ୍ରରେ ନାଲ୍‌କୋ ଟାଉନଶିପ୍ ସରସ୍ୱତୀ ବିଦ୍ୟାମନ୍ଦିରର ୧୫୯ ଜଣ, ଭେଜାପୁଟର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୨ ଜଣ, ଉପରମାନିଆ ଜେପି ହାଇସ୍କୁଲର ୬୧ ଜଣ, ଆଲୁମିନା ବାଳିକା ହାଇସ୍କୁଲ ଲିଟିଗୁଡ଼ାର ୫୯, ଡୁମୁରିପଦର ଉନ୍ନୀତ ହାଇସ୍କୁଲର ୨୪ ଓ ଲିଟିଗୁଡ଼ା ଉନ୍ନୀତ ହାଇସ୍କୁଲର ୪୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୩୯୨ ଜଣଙ୍କ ମଧ୍ୟରୁ ୪ ଜଣ ଅନୁପସ୍ଥିତ ଥିଲେ।

## ଗର୍ଭବତୀଙ୍କୁ ରକ୍ତଦେଲେ ୨ ଛାତ୍ର




ଜଣେ ଛାତ୍ର ରକ୍ତଦାନ କରୁଛନ୍ତି।

ଜୟପୁର,୧୯।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ ଦୁଇ ଛାତ୍ର ସ୍ଥାନୀୟ ଜିଲା ଚିକିତ୍ସାଳୟରେ ଜଣେ ଗର୍ଭବତୀଙ୍କୁ ରକ୍ତଦାନ କରିଛନ୍ତି । ଦୁଇ ଛାତ୍ର ହେଲେ ବାଣିଜ୍ୟ ବିଭାଗ ସ୍ନାତକୋତ୍ତର ଛାତ୍ର ସପନ ବେନିଆ (୨୧) ଓ ଯୁକ୍ତ୩ ଦ୍ୱିତୀୟ ବର୍ଷର ରାଜନୀତି ସମ୍ମାନ ଛାତ୍ର ସାରଙ୍ଗଧର ମାମ୍ବଲାକା (୧୯)। ସେମାନେ ୨ ୟୁନିଟ ରକ୍ତ ସ୍ଥାନୀୟ ରକ୍ତଭଣ୍ଡାରରେ ପ୍ରଦାନ କରିଛନ୍ତି । ଉଭୟ ଛାତ୍ର ପ୍ରଥମଥର ପାଇଁ ରକ୍ତଦାନ କରିଥିବା କହିଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅଧ୍ୟକ୍ଷା ଡ. ରଚନା ଆଚାର୍ଯ୍ୟ, ଅସ୍ଥାୟୀ ଅଧ୍ୟାପିକା ଗାୟତ୍ରୀ ମହାପାତ୍ର, କାହ୍ନୁ ଚରଣ ବରାଡ଼ ଉପସ୍ଥିତ ଥିଲେ। ଗର୍ଭବତୀଙ୍କ ପାଇଁ ରକ୍ତ ଆବଶ୍ୟକ ଥିବାବେଳେ ମହାବିଦ୍ୟାଳୟର ଛାତ୍ର ଶ୍ରୀକାନ୍ତ ସାହୁ ସମସ୍ତ ଯୋଗାଯୋଗ ବ୍ୟବସ୍ଥା କରିଥିଲେ।

# ତ୍ରୁଟିପୂର୍ଣ୍ଣ ବ୍ୟାଙ୍କିଙ୍ଗ, ଚାଷୀଙ୍କ ଖାତାରୁ ୧୦ ହଜାର ଉଭାନ

ବୈପାରୀଗୁଡ଼ା,୧୯।୨(ଡି.ଏନ୍.ଏ.)

ବ୍ୟାଙ୍କରେ ଅବ୍ୟବସ୍ଥା କାରଣରୁ ବହୁ କଷ୍ଟକରି ମଣ୍ଡିରେ ଧାନ ବିକିଥିବା ଜଣେ ଚାଷୀଙ୍କ ଜମାଖାତାରୁ ୧୦ ହଜାର ଟଙ୍କା ଗାଏବ ହୋଇଛି। ବ୍ଲକର ଦଶମନ୍ତପୁର ପଞ୍ଚାୟତର ଆଦିବାସୀ ଚାଷୀ ପୁରୁଷୋତ୍ତମ ଗାଦବା ଗତ ଖରିଫ ଧାନ ମଣ୍ଡିରେ ବିକିଥିଲେ। ଏହାପରେ ଆଇଓବି ଶାଖାରେ ଥିବା ତାଙ୍କ ଜମାଖାତା (ନଂ ୦୪୬୮୦୧୦୦୦୦୧୫୯୦୭)କୁ ଗତ ଜାନୁଆରୀ ୨୧ରେ ୧ ଲକ୍ଷ ୭୦ ହଜାର ଟଙ୍କା ଓ ସେହି ମାସର ଅନ୍ୟ ଏକ ତାରିଖରେ ୭୦ ହଜାର ୭୮୫ ଟଙ୍କା ଆସିଥିଲା। ବ୍ୟାଙ୍କ କାଉଣ୍ଟରରେ ଜମାଖାତାରୁ ଅତି ବେଶିରେ ୨୦ ହଜାର ଟଙ୍କା ଉଠାଇବାକୁ କୁହାଯିବାରୁ ବିଭିନ୍ନ ସମୟରେ ବ୍ୟାଙ୍କ କାଉଣ୍ଟର ଅଥବା ବ୍ୟାଙ୍କ ଦ୍ୱାରା ନିୟୋଜିତ ବାୟୋମେଟ୍ରିକ ମେଶିନ ଯୋଗେ ଆଧାର ନଂ ସହାୟତାରେ ଟଙ୍କା ଉଠାଯାଇଥିଲା। ଏତେ କାରାବାର ହୋଇଥିଲେ ମଧ ପ୍ରିଣ୍ଟର ଅଚଳ ଥିବା ଆଳ ଦେଖାଇ ପାସ୍‌ବୁକ୍ ଆଦୌ ଅପଡେଟ୍ କରାଯାଇ ନ ଥିଲା। ଗତ ୧୪ ତାରିଖ ପୁରୁଷୋତ୍ତମ ଜମାଖାତାରୁ ୧୦ ହଜାର ଟଙ୍କା ଉଠାଯାଇଥିବା ବେଳେ ଜମାଖାତାରେ କେବଳ ୬୯୩ ଟଙ୍କା ଥିବା ତାଙ୍କୁ କୁହାଯାଇଥିଲା। ଏଥିରେ ସନ୍ଦେହ ଆସିବାରୁ ସେ ପାସବୁକ୍ ଅପଡେଟ୍ କରିବାକୁ ଜୋର ଦେଇଥିଲେ। ୫ ଦିନ ପରେ ମଙ୍ଗଳବାର ତାଙ୍କୁ ଅପଡେଟ ପାସ୍‌ବୁକ୍ ମିଳିଥିଲା। ଗତ ୨୭ ତାରିଖ ତାଙ୍କ ଅଜାଣତରେ ୨ ଥର ୫ ହଜାର ଲେଖାଏ ଟଙ୍କା ଉଠାଯାଇଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଦିନ ତାଙ୍କୁ ୩୦ ହଜାର ଟଙ୍କା ଦରକାର ଥିବାରୁ ସେ କାଉଣ୍ଟର୍‌ରେ ୨୦ ହଜାର ଟଙ୍କା ଉଠାଇଥିଲେ। ବାକି ୧୦ ହଜାର ଟଙ୍କା ବ୍ୟାଙ୍କ ବାହାରେ ବାୟୋମେଟ୍ରିକ୍ ମେଶିନରେ ଆଧାର କାର୍ଡ ନଂ ସହାୟତାରେ ଫିଙ୍ଗର ପ୍ରିଣ୍ଟ ଦେଇ ୧୦ ହଜାର ଟଙ୍କା ଉଠାଇଥିଲେ। କିନ୍ତୁ ପାସ୍‌ବୁକ୍‌ରେ ଏଣ୍ଟ୍ରି ତଥ୍ୟ ଅନୁସାରେ ସେହିଦିନ ବାୟୋମେଟ୍ରିକ ମେଶିନ ସହାୟତାରେ ୫ ହଜାର ଟଙ୍କା ୨ ଥର ଓ ୧୦ ହଜାର ଟଙ୍କା ଥରେ ଉଠାଇଛନ୍ତି। ୫ ହଜାର ଟଙ୍କା ୨ ଥର ଉଠାଇବା ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ୧୦ ହଜାର ଟଙ୍କା ଉଠାଇବା ବେଳେ ସେ କମିଶନ ବାବଦକୁ ୧ ଶହ ଟଙ୍କା ଦେଇଥିଲେ। ବାୟୋମେଟ୍ରିକ୍ ମେଶିନ ଅପରେଟରଙ୍କୁ ପଚାରିବାରୁ ସେମାନଙ୍କ ପାଖରେ କେବଳ ୧୦ ହଜାର ଟଙ୍କା ଏକାଥରକେ ଉଠାଇବା କଥା କହିଛନ୍ତି। ବାହାରେ କେଉଁଠି ବାୟୋମେଟ୍ରିକ ମେଶିନରେ ବାଲାନ୍ସ ଇନକ୍ୱାରି ବେଳେ ଟଙ୍କା ହଡପ ହୋଇଥାଇପାରେ ବୋଲି ସେମାନେ ସଫେଇ ଦେଇଛନ୍ତି। କିନ୍ତୁ ଏହାକୁ ପୁରୁଷୋତ୍ତମ ଅସ୍ୱୀକାର କରିଛନ୍ତି। ଉକ୍ତ ଦିନ କାଉଣ୍ଟରରେ ତାଙ୍କୁ ୨୦ ହଜାର ଟଙ୍କା ଦିଆଯାଇଥିଲା। ସେହି ବ୍ୟାଙ୍କରୁ ଟଙ୍କା କାଢି ବାୟୋମେଟ୍ରିକ୍ ଅପରେଟର ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ବ୍ୟାଙ୍କ ଚାହିଁଥିଲେ ତାଙ୍କୁ ଏକକାଳୀନ କାଉଣ୍ଟରରେ ୩୦ ହଜାର ଟଙ୍କା ଦେବାରେ କଣ ସମସ୍ୟା ବୋଲି ସେ ପଚାରିଛନ୍ତି। ସେମାନଙ୍କ ମଧ୍ୟରେ ଭିତିରିଆ ସମ୍ପର୍କ ରଖି ପାସବୁକ୍‌ରୁ ଟଙ୍କା ହଡପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ବ୍ୟାଙ୍କ ପରିଚାଳକଙ୍କ ପାଖରେ ଗୁହାରି କରିବାରୁ ସେ କିଛି କରିପାରିବେ ନାହିଁ ବୋଲି ସିଧାସଳଖ କହିଥିଲେ। ବ୍ୟାଙ୍କ ପାସ୍‌ବୁକ୍ ଠିକ୍ ଭାବେ ଅପଡେଟ ହୋଇଥିଲେ ଏପରି ହୋଇ ନଥାନ୍ତା ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ଏପରି ଅବ୍ୟବସ୍ଥାକୁ ନେଇ ଗତ ମାସ ୧୭ରେ 'ଅବ୍ୟବସ୍ଥିତ ବ୍ୟାଙ୍କସେବା ପାଇଁ ସୁଫଳ ଦେଉନି କାଳିଆ' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା।



ଅଭିଯୋଗକାରୀ ପୁରୁଷୋତ୍ତମ ଗାଦବା।

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ମାଓବାଦୀ କମାଣ୍ଡର ନିହତ

**ମାଲକାନଗିରି,୧୯।୨(ଡି.ଏନ.ଏ.):** ବୁଧବାର ଛତିଶଗଡର ସୁକୁମା ଜିଲା ନିକଟସ୍ଥ ତାଣ୍ଡାମାର୍କା ଜଙ୍ଗଲରେ ବୁଧବାର ପୋଲିସ କୋମ୍ବିଂ ଅପରେଶନ ବେଳେ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ କମାଣ୍ଡର ନିହତ ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡିନାହିଁ। ପୋଲିସ ଘଟଣା ସ୍ଥଳରୁ ବନ୍ଧୁକ ଓ ଗୁଳି ଜବତ କରିଛି।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



**ଏମଭି ୭୯,୧୯।୨(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ସ୍ଥିତ ଡ଼. ଶ୍ୟାମା ପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅଧକ୍ଷ ଡ଼. ପ୍ରଶାନ୍ତ କୁମାର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରି, ସମ୍ମାନିତ ଅତିଥି ଭାବେ ଅଧାପକ ଦୁଷ୍ମନ୍ତ କୁମାର ଦାସ, ଅଧାପକ ଡ଼. ପ୍ରଦୀପ୍ତ କୁମାର ମିଶ୍ର, ଅଧାପକ ଡ଼. ମେଘନାଦ ବେହେରା, ଅଧାପକ ବସନ୍ତ କୁମାର ବିଶ୍ୱାଳ, ଅଧାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଆତ୍ମରକ୍ଷା କୌଶଳର ବିନିଯୋଗ ଓ ଏହାର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ସଂଯୋଜକ ଲୋକନାଥ ମହାକୁଡ଼ ପରମ୍ଭିକ ସୂଚନା ଦେଇଥିଲେ। ୧୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ରିକି ବାରିକ, ସୁଜିତ ଢାଲି, ଅଶୋକ ନାହାକ ପରିଚାଳନା କରିଥିଲେ। ଭରତ ଚନ୍ଦ୍ର ପଣ୍ଡା ସହଯୋଗ କରିଥିଲେ। ପଦ୍ମିନୀ ନାୟକ ପ୍ରଶିକ୍ଷଣ ଦେଇଥିଲେ।

### ମାଟିଖୋଳା ମେଶିନରୁ ଖସିପଡି ଶ୍ରମିକ ଆହତ

କାଲିମେଳା,୧୯।୨(ଡି.ଏନ.ଏ.)- କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ପଞ୍ଚାୟତର ନାକାଗୁଡା ନିକଟରେ ଚାଲିଥିବା ଏକ ରସ୍ତା କାମରେ ନିୟୋଜିତ ଥିବା ଏକ ମାଟିଖୋଳା ମେଶିନରୁ ତଳକୁ ଖସିପଡି ଜଣେ ଶ୍ରମିକ ଆହତ ହୋଇଛନ୍ତି। ଆହତ ଜଣକ ଜଣେ ନାବାଳକ ବୋଲି ଜଣାପଡିଛି। ତାଙ୍କ ଘର ସଙ୍ଗେଲ କେରିଆଗୁଡା ଗ୍ରାମରେ। ଖବରରୁ ଜଣାପଡିଛି ସମ୍ପୃକ୍ତ ନାବାଳକ ଜଣଙ୍କୁ ଉଣ୍ଡୁକୋଣ୍ଡା ପଞ୍ଚାୟତର ଏମଭି-୫୬ ଗ୍ରାମର ଠିକାଦାର ମହାରାଜ ବିଶ୍ୱାସ କାର୍ଯ୍ୟରେ ଲଗାଇଥିଲେ । ତେବେ ନାବାଳକ ଜଣକ ମାଟିଖୋଳା ମେଶିନ ଚଳାଉଥିବା ବେଳେ କୌଣସି କାରଣ ଯୋଗୁ ତଳକୁ ଖସି ପଡିଥିଲେ।



ବୁଧବାର ମାଲକାନଗିରିରେ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ଛାତ୍ରୀମାନେ ଅପେକ୍ଷା କରିଛନ୍ତି।



ଚିତ୍ରକୋଣ୍ଡାରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରକୁ ଛାତ୍ରୀମାନେ ପ୍ରବେଶ କରୁଛନ୍ତି।

# ଶାନ୍ତିଶୃଙ୍ଖଳାରେ ସରିଲା ପ୍ରଥମ ଦିବସର ପରୀକ୍ଷା

**ମାଲକାନଗିରି/ଚିତ୍ରକୋଣ୍ଡା/ପଡ଼ିଆ, ୧୯।୨(ଡି.ଏନ.ଏ.)**

ରାଜ୍ୟରେ ବୁଧବାରଠାରୁ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସର ପରୀକ୍ଷା ଜିଲାରେ ପ୍ରାୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି । ମାଲକାନଗିରି ଜିଲାରେ ୫୬୭୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେତେକ କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇନାହାନ୍ତି। ତେବେ ନିର୍ଦ୍ଦିଷ୍ଟଭାବେ କେତେ ଜଣ ପରୀକ୍ଷା ଦେଇନାହାନ୍ତି ସେ ସମ୍ପର୍କରେ ଠିକ୍ ଖବର ସନ୍ଧ୍ୟାସୁଦ୍ଧା ମିଳିନାହିଁ ବୋଲି ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ୫୩୧୨ ରେଗୁଲାର, ୩୪୨ ଏକ୍ସ ରେଗୁଲାର ଏବଂ ୨୦ ଜଣ ପତ୍ର ବିନିମୟ ମାଧମରେ ୩୨ଟି କେନ୍ଦ୍ରରେ ପରୀକ୍ଷା ଦେବାପାଇଁ ବ୍ରବସ୍ଥା ହୋଇଛି। ୧୧ଟି ସମ୍ବେଦନଶୀଳ କେନ୍ଦ୍ରରେ ସିସି କ୍ୟାମେରା ଲାଗିଛି। ପ୍ରତି ସେଣ୍ଟର ପାଇଁ ସୁପରିଣ୍ଟେଣ୍ଡେଣ୍ଟ, ନୋଡାଲ ଇନ୍‌ଚାର୍ଜ, ଡେପୁଟି ନୋଡାଲ ଇନ୍‌ଚାର୍ଜ ନିଯୁକ୍ତି ହୋଇଛନ୍ତି। ଥାନାରୁ ପ୍ରଶ୍ନପତ୍ର କେନ୍ଦ୍ରରେ ପହଞ୍ଚାଇବା ପାଇଁ ୧୦ ଅଧିକାରୀ ତଦାରଖ ଲାଗି ନିଯୁକ୍ତି ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୩୨ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ବୋର୍ଡରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ, ଜିଲା ଶିକ୍ଷା ଅଧିକାରୀଙ୍କ ତରଫରୁ ସ୍କ୍ୱାଡ ଗଠନ ହୋଇଛି । ଚିତ୍ରକୋଣ୍ଡାସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କେନ୍ଦ୍ରରେ ଚିତ୍ରକୋଣ୍ଡା ଆଖପାଖ ଅଞ୍ଚଳର ୮ଟି ବିଦ୍ୟାଳୟର ୧୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପାଇଁ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ଦେବାକୁ ମଙ୍ଗଳବାରଠାରୁ ଆରଏସସି-୬, ୧୧, ୧୫ ନଂ. ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡାରଲାବେଢା, ପଣଶପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସହ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଚିତ୍ରକୋଣ୍ଡାରେ ଆସି ପହଞ୍ଚିଥିଲେ। ସେହିଭଳି ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୮୫ ଜଣ ଛାତ୍ରୀଛାତ୍ର ବାଲିମେଳା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି।

ପଡିଆ ବ୍ଲକରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ୩ଟି ପରୀକ୍ଷା କେନ୍ଦ୍ରରେ କରାଯାଉଛି। ଏହି କେନ୍ଦ୍ରଗୁଡିକରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଥିବା ଜଣାପଡିଛି। ତିନୋଟି ପରୀକ୍ଷା କେନ୍ଦ୍ର ହେଲା ପଡିଆସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ, ଏମଭି-୭୯ସ୍ଥିତ ସରକାରୀ ହାଇସ୍କୁଲ ଏବଂ ଏମ୍‌ଭି-୭୯ସ୍ଥିତ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ। ପଡିଆ ହାଇସ୍କୁଲରେ ୧୩୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୩ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ । ୮ ଜଣ ଅନୁପସ୍ଥିତ ଥିଲେ। ଏମଭି-୭୯ସ୍ଥିତ ସରକାରୀ ହାଇସ୍କୁଲରେ ୧୮୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୦ ଉପସ୍ଥିତ ଥିଲେ। ଏଠାରେ ୯ ଜଣ ଅନୁପସ୍ଥିତ ଥିଲେ। ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୮ ଅନୁପସ୍ଥିତ ଥିଲେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ କହିଛନ୍ତି ।

# ମଣ୍ଡିରେ ପଡିରହିଛି ଧାନ, ଚିନ୍ତାରେ ଚାଷୀ



ମଣ୍ଡିରେ ପଡି ରହିଥିବା ଧାନ।

**କୋରୁକୋଣ୍ଡା, ୧୯।୨ (ଡି.ଏନ.ଏ)**

ଖରିଫ ଋତୁରେ ଅମଳ ହୋଇଥିବା ଧାନର ଉଚିତ ମୂଲ୍ୟ ଚାଷୀଙ୍କୁ ମିଳିବ। ଏନେଇ ମଣ୍ଡି ମାଧ୍ୟମରେ ଧାନ କିଣା ବ୍ୟବସ୍ଥା କରାଯାଇଥିଲା। ମଣ୍ଡିରେ ସୁଧାର ଆଣିବା ଲାଗି ଚଳିତ ବର୍ଷ ଅନଲାଇନ ଟୋକୋନ ବ୍ୟବସ୍ଥା କରାଯାଇଥିଲା । ତେବେ ସରକାରଙ୍କ ସବୁ ବ୍ୟବସ୍ଥା ସଠିକ୍ କାର୍ଯ୍ୟକାରୀ ହେଉନାହିଁ। ଫଳରେ ମଣ୍ଡିରେ ଦୀର୍ଘ ଦିନ ଧରି ଧାନ ପଡିରହୁଛି। ଧାନ ଉଠିବା ନେଇ ଚାଷୀ ଚିନ୍ତାରେ ରହୁଛି। ମାଲକାନଗିରି ଜିଲା କୋରୁକୋଣ୍ଡା ଲ୍ୟାମ୍ପସ ଅଧୀନରେ ଥିବା ୧୨ଟି ମଣ୍ଡିରୁ ପିତାକଟା ମଣ୍ଡିରେ ୩୭ ଜଣ ଚାଷୀଙ୍କ ୧୯୬୩ ବସ୍ତା, ଡୁଡମେଟା ମଣ୍ଡିରେ ୫୪ ଚାଷୀଙ୍କ ୩୦୫୮ ବସ୍ତା, ପୁରୁଣା ଚିମାଟାପଲି ମଣ୍ଡିରେ ୧୦୪ ଜଣ ଚାଷୀଙ୍କ ୪୪୧୭ ବସ୍ତା, ତାରଲାକୋଟ ମଣ୍ଡିରେ ୮୦ ଚାଷୀଙ୍କ ୪୮୦୫ ବସ୍ତା, ପୋଟ୍ରୋଲ ମଣ୍ଡିରେ ୯୨ ଜଣ ଚାଷୀଙ୍କ ୩୨୦୯ ବସ୍ତା, କମମଡା ମଣ୍ଡିରେ ୫୩ ଚାଷୀଙ୍କ ୪୮୦୬ ବସ୍ତା, କୋରୁକୋଣ୍ଡା ମଣ୍ଡିରେ ୫୮ ଚାଷୀଙ୍କ ୪୮୬୯ ବସ୍ତା ଚିତାପରି ମଣ୍ଡିରେ ୩୪ ଚାଷୀଙ୍କ ୨୦୪୨ ବସ୍ତା, ମାରିୱାଡା ମଣ୍ଡିରେ ୬୧ ଚାଷୀଙ୍କ ୩୦୨୫ ବସ୍ତା ଧାନ ଦୀର୍ଘ ଦିନ ଧରି ପଡିରିଛି। ମୋଟ ୫୮୩ ଚାଷୀଙ୍କ ପ୍ରାୟ ୩୨ହଜାର ୨୦୦ ବସ୍ତା ଧାନ ପଡିରହିଥିବା ଅଭିଯୋଗ ହୋଇଛି। କେବଳ ନିକଟସ୍ଥ ସୋମନାଥପୁର ମଣ୍ଡରେ ୪୩୫୮ ବସ୍ତା ଧାନ ପଡିରହିଛି। ଚାଷୀଙ୍କ ବିଭିନ୍ନସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଏନେଇ ବ୍ଲକ ଯୋଗାଣ ଅଧିକାରୀ ବେମକେଶ ମାଝିଙ୍କୁ ପଚାରିବାରୁ ସେ କହିଲେ ଯେ, ଚାଷୀଙ୍କ ଟୋକୋନ କୌଣସି କାରଣରୁ କଟିଯାଇଥିବାରୁ ମଣ୍ଡିରେ ସେମାନଙ୍କ ଧାନ ପଡିରହିଛି। ଖୁବଶୀଘ୍ର ଏହାର ସମାଧାନ କରାଯାଇ ମଣ୍ଡି ଥିବା ସମସ୍ତ ଧାନ ଉଠାଯିବା ବ୍ୟବସ୍ଥା କରାଯିବ । ଚଳିତ ବର୍ଷ ମଣ୍ଡି ମାଧ୍ୟମରେ ଧାନ ବିକ୍ରି ନିମନ୍ତେ କୋରୁକୋଣ୍ଡା ଲ୍ୟାମ୍ପସ ଅଧୀନରେ ମୋଟ ୪୨୪୧ ଚାଷୀ ପଞ୍ଜୀକରଣ କିରିଥିଲେ। ବର୍ତ୍ତମାନ ସୁଦ୍ଧା ୩୮୦୯ ଜଣ ଚାଷୀ ମଣ୍ଡି ମାଧ୍ୟମରେ ଧାନ ବିକ୍ରି କରିଥିବା ଜଣାପଡିଛି ।

# ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ ଦିବସ

**ପଡିଆ,୧୯।୨ (ଡି.ଏନ.ଏ. )**

ପଡିଆ ବ୍ଲକ ବାପନପାଲି ପଞ୍ଚାୟତ ଅନ୍ତର୍ଗତ ଏମଭି-୫୮ ଗ୍ରାମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ ଦିବସ ପାଳନ କରାଯାଇଛି । ଏହି ଅବସରରେ ଗ୍ରାମରେ ଏକ ବୈଠକ କରାଯାଇ କୃଷିର ବିକାଶ ଓ କୃଷକର ଆର୍ଥିକ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ରୂପେ ବ୍ଲକର ସହକାରୀ କୃଷି ଅଧିକାରୀ ରଶ୍ମିରଞ୍ଜନ ମହାରଣା ଯୋଗଦେଇ ମୃତ୍ତିକା ପରୀକ୍ଷା ଏବଂ କୃଷି ଓ ଫସଲ ଉତ୍ପାଦନ କ୍ଷେତ୍ରରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ । ବିଟିଏମ କୈଳାସ ବର୍ମା ଚାଷୀଙ୍କୁ ମାଟି ପରୀକ୍ଷାର ପଦ୍ଧତି ଏବଂ ସାର ପ୍ରୟୋଗର ବିଧି ସମ୍ପର୍କରେ ବୁଝାଇ ସ୍ୱାସ୍ଥ୍ୟକାର୍ଡ ମୁତାବକ ସାର ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ କୃଷି ଉପଦେଷ୍ଟା ମଣ୍ଡଳୀ ଅଧକ୍ଷ ସୁବୋଧ ପୁହାଣ, ଗ୍ରାମ୍ୟ କୃଷି କର୍ମଚାରୀ କାହ୍ନୁ ଚରଣ ବିଶୋୟୀ, କୃଷ୍ଣା ବିଶୋୟୀ, ଦିପ୍ତିରାଣୀ ଚୌଧୁରୀ, ଇନ୍ଦ୍ର ମାଡ଼କାମି, ବାସୁଦେବ ମଣ୍ଡଳ, ସୁରଜ କୁମାର ଦଳବେହେରା,ସୋମନାଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଆଶିଷ କୁମାର ପୁରୋହିତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ପୋଲିସ-ମାଓବାଦୀ ଗୁଳି ବିନିମୟ : ଯବାନ ଶହୀଦ

**ମାଲକାନଗିରି,୧୯।୨(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲାରେ ବୁଧବାର ପୋଲିସ-ଲାଲବାହିନୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ଯବାନ ଶହୀଦ୍ ହୋଇଛନ୍ତି। ଶହୀଦ ଯବାନଙ୍କ ନାମ କନେୟା ମାଝି । ସୁକୁମା ଏସପି ପ୍ରଲ୍ଲବଙ୍କ ସୂଚନା ଅନୁଯାୟୀ ବୁଧବାର କିଷ୍ଟାରାମ ଅଞ୍ଚଳରେ କୋବ୍ରା ଓ ଏସଟିଏଫ ବାହିନୀ ପକ୍ଷରୁ କୋମ୍ବିଂ ଅପରେଶନ ବେଳେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ଏଥିରେ କନେୟା ଗୁରୁତର ହୋଇଥିଲେ। ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।







# ରାସାୟନିକ ସାର ପ୍ରୟୋଗ ରୋକିବାକୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ



ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ।

**ମାଲକାନଗିରି,୧୯।୨(ଡି.ଏନ.ଏ.)**

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପୋଡ଼ାଘାଟ କଲୋନୀଠାରେ କୃଷି ବୈଷୟିକ ପରିଚାଳନା ସଂସ୍ଥା ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳିତ ହୋଇଯାଇଛି । ଏଥିରେ ଗ୍ରାମ୍ୟ କୃଷି କର୍ମଚାରୀ କେ.ସତ୍ୟ ନାରାୟଣ ଓ ଯୁବରାଜ ତୁଳା ଯୋଗ ଦେଇଥିଲେ। ଚାଷୀଙ୍କୁ ମୃର୍ତ୍ତିକା ସ୍ୱାସ୍ଥ୍ୟକାର୍ଡର ଉପାଦେୟତା ସମ୍ପର୍କରେ ସୂଚନା ଦେଇ କେ. ସତ୍ୟ ନାରାୟଣ କହିଲେ ଯେ, ମୁଖ୍ୟତଃ କୃଷି ପାଇଁ ଉର୍ବର ମୃତ୍ତିକାର ଆବଶ୍ୟକତା ରହିଛି। ମାତ୍ର ରାସାୟନିକ ସାର ପ୍ରୟୋଗ ଯୋଗୁ ମୃତ୍ତିକାର ଉର୍ବରତା କମିବାରେ ଲାଗିଛି । ଏହାକୁ ରୋକିବା ଲାଗି ସ୍ୱାସ୍ଥ୍ୟ କାର୍ଡ ଯୋଜନା ଆରମ୍ଭ କରାଯାଇଛି ବୋଲି ପ୍ରକାଶ କରିଥିଲେ। କୃଷି ବିଭାଗର ମୃର୍ତ୍ତିକା ପରୀକ୍ଷାଗାରରେ ଜମିର ମୃର୍ତ୍ତିକାକୁ ପରୀକ୍ଷା କରି ଉର୍ବରତା ଯାଞ୍ଚ କରିବା, ଖାରିୟ ପଦାର୍ଥ , ଅମ୍ଳତତ୍ତ୍ୱ ଯାଞ୍ଚ କରି ରିପୋର୍ଟ ତିଆରି କରାଯାଉଛି । ପରେ ମୃର୍ତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇ ସମ୍ପୃକ୍ତ ଜମିରେ କେଉଁ ଚାଷ କଲେ ଅମଳ ଭଲ ହେବ ଏବଂ କି ପ୍ରକାର ସାର ଓ କେତେ ପରିମାଣର ସାର ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି ସେନେଇ କାର୍ଡରେ ଉଲ୍ଲେଖ ରହୁଛି। ପରାମର୍ଶ ଅନୁଯାୟୀ ଚାଷ କଲେ ଜମିର ଉବରତା ବୃଦ୍ଧି ହେବା ସହ ଅଧିକ ଅମଳ ହୋଇପାରିବ ବୋଲି ଯୁବରାଜ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ହରିବନ୍ଧୁ ପାଙ୍ଗି, ଘାସି ମୁଦୁଲି, ରଘୁରାମ ରେଗାମ, ତ୍ରିନାଥ ଭୂମିଆ, ଗୌରମୁଣ୍ଡା ଗୁଡିଆ, ଗେସରି ମୁଣ୍ଡାଗୁଡ଼ିଆ, ମିତୁଲା ଖିଲ,ସମାରୀ ଆଇସାଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ । ମାଲକାନଗିରି ଜିଲାରେ ବର୍ତ୍ତମାନ ସୁଦ୍ଧା ୨୮ହଜାର ୫୩୮ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଛି।




| ମଡେଲ | ଅପ୍‌ଫ୍ରଣ୍ଟ ଲାଭ*(₹) | ଏକ୍ସଚେଞ୍ଜ ଲାଭ*(₹) | କର୍ପୋରେଟ ଲାଭ*(₹ ପର୍ଯ୍ୟନ୍ତ) | ସର୍ବମୋଟ ଲାଭ*(₹ ପର୍ଯ୍ୟନ୍ତ) |
|---|---|---|---|---|
| M8 | 1 39 000.00 | 25 000.00 | 7 000.00 | 1 71 000.00 |
| M6 | 77 000.00 | 25 000.00 | 7 000.00 | 1 09 000.00 |
| M4 | 36 000.00 | 15 000.00 | 7 000.00 | 58 000.00 |

PARAMOUNT AUTOMOTIVES: KORAPUT, MALKANGIRI, NABARANGPUR, RAYAGADA: 7574808729



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ପାଗଳ କୁକୁର କାମୁଡାରେ ୨ ଛାତ୍ରୀ ଆହତ



**ନବରଙ୍ଗପୁର,୧୯।୨(ବି.ପ୍ର.)-** ନବରଙ୍ଗପୁର ଟିର୍ଲିଆମ୍ବଗୁଡା ନିକଟରେ ହୋଇଥିବା ଅନ୍ୱେଷା ହଷ୍ଟେଲର ୨ ଜଣ ଛାତ୍ରୀ କୁକୁର କାମୁଡାରେ ଆହତ ହୋଇଛନ୍ତି। ଛାତ୍ରୀମାନେ ହେଲେ ମିଥଲା ନାୟକ (୬) ଓ ଦିପିକା ସନ୍ତା (୭)। ହଷ୍ଟେଲରେ ପାଚେରୀ ନ ଥିବାରୁ ଏଭଳି ଘଟଣା ଘଟୁଛି।
ନବରଙ୍ଗପୁର ଅନ୍ୱେଷା ହଷ୍ଟେଲରେ ୮୦୯ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ଛାତ୍ରୀ ନିବାସରେ ୩୬୬ ଓ ଛାତ୍ର ନିବାସରେ ୪୪୩ ଜଣ ରହି ଇଂଲିସ ପାଠ ପଢୁଛନ୍ତି। ବାଳିକା ନିବାସ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଶଶାଙ୍କ ତ୍ରିପାଠୀ ରହିଛନ୍ତି। ବାଳକ ନିବାସ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ କାଳୀକିଙ୍କର ପଟ୍ଟନାୟକ ରହିଛନ୍ତି। ତେବେ ଉଭୟ ହଷ୍ଟେଲ ଚାରିପାଖ ପାଚେରୀ ନାହିଁ। ହଷ୍ଟେଲ ଦୁଇ ପାର୍ଶ୍ୱରେ ରାସ୍ତା ରହିଛି। ଭତରା ଗାଁକୁ ଯିବାକୁ ଓ ଅନ୍ୟଟି କୋଷାଗୁମୁଡା ଯିବାକୁ ରାସ୍ତା ରହିଛି। ଦୁଇ ରାସ୍ତାର ତ୍ରିକୋଣ ଅଞ୍ଚଳରେ ହଷ୍ଟେଲ ନିର୍ମାଣ ହୋଇଛି। ତେବେ ପାଚେରି କରାଯାଇନାହିଁ। ଗାଈ, କୁକୁର ଓ ଭାଲୁର ମଧ ଅବାଧ ଯାତାୟତ କରୁଛନ୍ତି। ୧୭ ତାରିଖରେ ଜଣେ ଛାତ୍ରୀ ମିଥଲା ନାୟକ (୬)ଙ୍କ ଗୋଡରେ କୁକୁର କାମୁଡି ଥିଲା। ସେହିଭଳି ୧୮ ତାରିଖରେ ଦିପିକା ସାନ୍ତା(୭)ଙ୍କ ମୁହଁରେ କୁକୁର କାମୁଡିଛି। ରାକ୍ତାକ୍ତ ଅବସ୍ଥାରେ ଛାତ୍ରୀଙ୍କୁ ଜିଲା ସଦର ମହକୁମା ଡାକ୍ତରଖାନା ଆଣି ଚିକିତ୍ସା କରାଯାଇଛି। ଉକ୍ତ ବୁଲା ପାଗଳା କୁକୁର ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ କାମୁଡିବା ପାଇଁ ମଧ ଘୁରି ବୁଲିବାରୁ ତାହାକୁ ମାରି ଦେଇଛନ୍ତି। ଛାତ୍ରୀ ମାନେ ସନ୍ଧ୍ୟା ପ୍ରାର୍ଥନା ସମୟରେ ଯାଉଥିବା ସମୟରେ କୁକୁର ପଶି କାମୁଡିଥିବା ସୂଚନା ମିଳିଛି।

### କିଷାନ କ୍ରେଡିଟ କାର୍ଡ ସମ୍ପର୍କିତ ସଚେତନତା

**ତେନ୍ତୁଲିଖୁଣ୍ଟି, ୧୯।୨(ଡି.ଏନ.ଏ.)-** ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ, ପଶୁପାଳନ ବିଭାଗ, ଉଦ୍ୟାନ ବିଭାଗର ହିତାଧିକାରୀ ମଧ କିଷାନ କ୍ରେଡିଟ କାର୍ଡ ମାଧମରେ ବ୍ୟାଙ୍କରୁ ଋଣ ନେଇପାରିବେ। କୃଷି ଋଣ, ଉଦ୍ୟାନ ଚାଷ ପାଇଁ ଋଣ, ପଶୁପାଳନ ପାଇଁ ଋଣ ,ମାଛଚାଷ ଋଣ ପାଇଁ ବ୍ୟାଙ୍କକୁ ନ ଧାଇଁ ସହଜ ସେବା କେନ୍ଦ୍ରରେ କିଷାନ କ୍ରେଡିଟ କାର୍ଡ ମାଧମରେ ଆବେଦନ କରିପାରିବେ ବୋଲି ସଚେତନତା କରାଯାଇଥିଲା। କିଷାନ କ୍ରେଡିଟ କାର୍ଡ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଏଲଡିଏମ ସିଦ୍ଧାର୍ଥ ସାମଲ, ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଉଦ୍ୟାନ କୃଷି ଅଧିକାରୀ ତେଜସ୍ୱିନୀ ନାୟକ, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ, ଖାତିଗୁଡା କଣ୍ଟାଗାଁ ଓ ଅଞ୍ଚଳଗୁମ୍ମା ଭାରତୀୟ ଷ୍ଟେଟବ୍ୟାଙ୍କ ଓ ଲ୍ୟାମ୍ପର ଶାଖା ପରିଚାଳକ, ଦୀପ୍ତିମୟ ନାୟକ, ବାଳଗୋବିନ୍ଦ ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃତିବାସ ଭତ୍ରା ଉପସ୍ଥିତ ଥିଲେ। ଋଣ ସହଜ ସେବା କେନ୍ଦ୍ରର ବିନା ଶୁଳ୍କରେ ଆବେଦନ କରାଯାଇପାରିବ ବୋଲି ଅଧିକାରୀମାନେ କହିଥିଲେ।

# ଶାନ୍ତିଶୃଙ୍ଖଳାରେ ମାତୃଭାଷା ପରୀକ୍ଷା ଦେଲେ ପିଲା

**ପାରଳାଖେମୁଣ୍ଡି/କାଶୀନଗର,୧୯।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ଗଜପତି ଜିଲାରେ ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି ମାଟ୍ରିକ୍ ପରୀକ୍ଷା। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଜିଲାରେ କୌଣସି ପ୍ରକାର ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଡିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଜିଲାରେ ୩୫ କେନ୍ଦ୍ର ପାଇଁ ୪ ନୋଡାଲ୍ ସେଣ୍ଟର୍ ଗଠନ କରାଯାଇଥିବାବେଳେ ଏହା ମାଧ୍ୟମରେ ସକାଳ ୯ଟା ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ବ୍ୟବସ୍ଥା କରାଯାଇଥିବା ଡିଇଓ ପ୍ରଦୀପ କୁମାର ନାଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଚଳିତବର୍ଷ ପରୀକ୍ଷା ପାଇଁ ଜିଲାରେ ୩୫ କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ ୮ହଜାର ୨୭୨ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ତେବେ ପ୍ରଥମ ଦିନରେ ଏଥିମଧ୍ୟରୁ ୮ହଜାର ୦୧୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୫୯ ପିଲା ଅନୁପସ୍ଥିତ ଥିବା ସୂଚନା ମିଳିଛି। ସେହିପରି ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ



ଯାଞ୍ଚ କରି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡାଯାଉଛି ।

୨୩୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୪ ଜଣ ଅନୁପସ୍ଥିତଥିବା ପ୍ରଧାନ ଶିକ୍ଷକ ଡ. ବୃଷକେତୁ ଦାଶ ସୂଚନା ଦେଇଛନ୍ତି। ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟରେ ୨୮୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୧ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ଗୋଟିଏ ଟିମ୍ ଗଠନ କରାଯାଇଥିବାବେଳେ ଡିଇଓଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଗଠନ କରାଯାଇଛି। ସେଥିରେ ଖଜୁରିପଦା କଲେଜର ଅଧାପକ ସୁଧାକର ଚୌଧୁରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ବିଶୃଙ୍ଖଳା ଓ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲା ପୋଲିସ ପକ୍ଷରୁ ସମସ୍ତ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳତା କାମନା କରି ଏବିଭିପି ଗଜପତି ଶାଖା ପକ୍ଷରୁ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ବାହାରେ ପିଲାଙ୍କୁ ବନ୍ଦାପନା କରି ଛାଡ଼ିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ପରୀକ୍ଷାକୁ ଅଧିକ

**ଗଜପତି ଜିଲା**
- ପରୀକ୍ଷା ଦେଲେ ୮ହଜାର ୦୧୩ ପରୀକ୍ଷାର୍ଥୀ, ୨୫୯ ଅନୁପସ୍ଥିତ
- ୩୫ କେନ୍ଦ୍ର ପାଇଁ ୪ ନୋଡାଲ୍ ସେଣ୍ଟର୍

ଶୃଙ୍ଖଳିତ କରିବାକୁ ପ୍ରଥମଥର ପାଇଁ ବୋର୍ଡ ପକ୍ଷରୁ କୋଡିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଜିଲାର କାଶୀନଗର ବ୍ଲକ୍‌ରେ ମଧ ମାତୃଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାରେ ସରିଛି। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୮୦୫ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୭୭୪ ଜଣ ପରୀକ୍ଷା ଦେଇଥିବାବେଳେ ୩୧ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ବ୍ଲକ୍‌ରେ ୩ କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ କାଶୀନଗରସ୍ଥିତ ବାରାଣସୀ କେନ୍ଦ୍ରରେ ୩୮୩ ପରୀକ୍ଷାର୍ଥୀ, ଖରଡ଼ାସ୍ଥିତ ବି. ଏମ୍. ହାଇସ୍କୁଲରେ ୨୪୦ ଏବଂ ଖାଣ୍ଡବା ବି. ଡି. ହାଇସ୍କୁଲରେ ୧୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି।

# ଶବର ସମାଜ ସମିତି ମଣ୍ଡଳ କାର୍ଯ୍ୟାଳୟ ପାଇଁ ଭୂମି ପୂଜନ


ମଣ୍ଡଳ କାର୍ଯ୍ୟାଳୟ ପାଇଁ ଭୂମିପୂଜନ କରାଯାଉଛି।

**ପାରଳାଖେମୁଣ୍ଡି,୧୯।୨(ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ୍ ଅଧୀନ କଙ୍କଡ଼ାଗୁଡ଼ାଠାରେ ଶବର ସମାଜ ସମିତି ମଣ୍ଡଳ କାର୍ଯ୍ୟାଳୟର ଭୂମିପୂଜନ ତଥା ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ଶବର ସମାଜର ସଭାପତି ସୁଦର୍ଶନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସମ୍ପାଦକ ମନୋରଞ୍ଜନ ରଇତ, ସହ ସମ୍ପାଦକ ରାଧାନାଥ ମଣ୍ଡଳ, ସମ୍ପାଦିକା ସାୟାରାଣୀ ମଣ୍ଡଳ, କୋଷାଧ୍ୟକ୍ଷ ସୋମନାଥ ରଇତ, ଶଶୀ କାର୍ଯୀ ଏବଂ କଙ୍କଡ଼ାଗୁଡ଼ା ମଣ୍ଡଳ ଅଧୀନ ୫କେନ୍ଦ୍ର ତଥା ଲିୟବା, କଙ୍କଡ଼ାଗୁଡ଼ା, ମରମ, ବୁଢିଶିଳ, ଏନ୍. ଝାଲାରସିଂ କେନ୍ଦ୍ରର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ଲକ୍ଷ୍ୟ ରହିଥିବା ସଭାପତି ସୂଚନା ଦେଇଛନ୍ତି। ସଂସ୍କୃତି ଓ ପରମ୍ପରାକୁ ଏକ ସୂତ୍ରରେ ବାନ୍ଧିରଖିବା ଏହି କାର୍ଯ୍ୟାଳୟ ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଶବରପଲ୍ଲୀ ସରପଞ୍ଚ ଜଗନ୍ନାଥ ରଇତ, ବସ୍ତିଗୁଡା ସରପଞ୍ଚ ଚୈତନ୍ୟ ମଣ୍ଡଳ ଏବଂ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଣଓଡ଼ିଆ ମହିଳାଙ୍କ ଉନ୍ମତ୍ତ କାଣ୍ଡ

**ପାରଳାଖେମୁଣ୍ଡି,୧୯।୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ଦେଖିଥିବା ମିଳିଛି। ଜଣେ ମହିଳା ବାରମ୍ବାର "ମେରେକୋ ନ୍ୟାୟ ଚାହିୟେ" ଏହିପରି ଚିତ୍କାର କରୁଥିବା ଶୁଣିବାକୁ ମିଳିଥିଲା। ଏମିତିକି ହାତରେ ପଥର ଧରି ସେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରବେଶ ଦ୍ୱାରକୁ ମାରି ଚାଲିଥିଲେ। ଏ ସମ୍ପର୍କରେ ସୂଚନା ପାଇ ପାରଳାଖେମୁଣ୍ଡି ଥାନା ଦ୍ୱାରା ଶି-ଟିମ୍(ମହିଳାଙ୍କ ସୁରକ୍ଷା ପାଇଁ ଗଠିତ) ପହଞ୍ଚି ମହିଳାଙ୍କୁ ନେଇଥିଲେ। ତେବେ ମହିଳା ଜଣକ ପୋଲିସ ଟିମ୍‌କୁ ପାଖକୁ ଆସିବାକୁ ମନା କରୁଥିବାବେଳେ ପଥର ଦେଖାଇ ଭୟଭୀତ କରୁଥିବାରୁ ତାଙ୍କୁ କାବୁ କରିବାକୁ ଟିମ୍‌କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ଶେଷରେ ତାଙ୍କୁ କାବୁକରି ପୋଲିସ ଅଟକ ରଖିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ସ୍ୱାମୀ ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା ସେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେ କର୍ନାଟକ ରାଜ୍ୟ ରୁରାଲ୍ ବାଣ୍ଡିପୁର୍ ଅଞ୍ଚଳର ଜ୍ୟୋତି


ପୋଲିସ ଓ ଶି-ଟିମ୍ ମହିଳାଙ୍କୁ କାବୁ କରୁଛନ୍ତି।

- ଓଡ଼ିଆ ସ୍ୱାମୀଙ୍କ ଦ୍ୱାରା ନିର୍ଯାତନା ଅଭିଯୋଗ
- ନ୍ୟାୟ ଦାବି କଲେ ମହିଳା

ରାଥୋଡ୍ ବୋଲି ଜଣାପଡ଼ିଛି । ୨୦୧୬ ଡିସେମ୍ବରରେ ସେ ପାରଳାଖେମୁଣ୍ଡି ଥାନା ଅଧୀନ ଆମ୍ବାଝରୀ ଗ୍ରାମର ନଳିନୀ ଲିମାଙ୍କୁ ବିବାହ କରିଥିଲେ। ଦୁହିଁଙ୍କ ବିବାହ କର୍ନାଟକ ଏବଂ ପରେ ଓଡ଼ିଶାରେ ହୋଇଥିଲା । ତେବେ ସ୍ୱାମୀ ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ମହିଳା ୨୦୨୦ ଫେବୃୟାରୀ ୧ ରେ ପାରଳାଖେମୁଣ୍ଡି ପୋଲିସ ଏବଂ ପରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ଜିଲା ମହିଳା ଓ ଶିଶୁ ସୁରକ୍ଷା ବିଭାଗରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଏହାକୁ ଭିତ୍ତିକରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଆମ୍ବାଝରୀ ଗ୍ରାମରେ ରହୁଥିବା ସ୍ୱାମୀଙ୍କୁ ପୋଲିସ ଡକାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

**ନବରଙ୍ଗପୁର,୧୯।୨(ବି.ପ୍ର)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାଲେଗାଁ ଗାଁର ରେଖା ହରିଜନ (୪୦)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। କୋଡିଙ୍ଗା ଥାନା ଅଧୀନ ଭାସ୍କେଲ ନଦୀ କୂଳରେ ଥିବା କାଜୁ ବଗିଚାରେ ରେଖାଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକ କୋଡିଙ୍ଗା ଥାନାରେ ଜଣାଇଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି।

## କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ




**ଝରିଗାଁ,୧୯।୨(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ କ୍ୟାରିୟର କାଉନ୍‌ସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧ୍ରୁରୁଆ ଉପସ୍ଥିତ ରହି ବିଦ୍ୟାର୍ଥୀମାନେ କିପରି ନିଜ ସ୍ୱପ୍ନକୁ ସାକାର କରିପାରିବେ ଏବଂ କେଉଁ କାର୍ଯ୍ୟ ପାଇଁ କିପରି ପ୍ରସ୍ତୁତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ ପ୍ରଦାନ କରିଥିଲେ। ବର୍ତ୍ତମାନ ଠାରୁ ନିଜକୁ ଗୁରୁତ୍ୱ ଦେଇ ସଚେତନତା ରହିଲେ ନିଜ କ୍ୟାରିୟର ଗଠନ କରିବାରେ ସଫଳ ହୋଇପାରିବ ବୋଲି ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ କହିଥିଲେ। ଏହି ଅବସରରେ ଅଧାପକ ଗୋପାଳ ମହାରଣା, ଶଙ୍କର କୁମାର ନାଲା, ସନ୍ତୋଷ କୁମାର ଖିଲାର,ଅଧାପିକା ତୁଷାରୀ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତର ବିଭିନ୍ନ ମାର୍ଗ ସମ୍ପର୍କରେ ମତାମତ ଦେଇଥିଲେ।

# 'ଜୀବନ ଦକ୍ଷତା ଶିକ୍ଷା' ତାଲିମ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍‌ପି, ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି,୧୯।୨(ସ୍ୱ.ପ୍ର.)**

ନେହେରୁ ଯୁବକେନ୍ଦ୍ର ଗଜପତି ଶାଖା ପକ୍ଷରୁ ସହର ଉପକଣ୍ଠ ରାଣୀପେଣ୍ଠସ୍ଥିତ ହୋମ୍ ଅଫ୍ ଲାଇଫ୍ ହଷ୍ଟେଲ୍‌ରେ 'ଲାଇଫ୍ ସ୍କିଲ୍' ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୧୦ ରୁ ୧୯ ବର୍ଷ ବୟସର ଛାତ୍ରୀଛାତ୍ରଙ୍କୁ ନେଇ ଏହି ୫ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଜପତି ଏସ୍‌ପି ସାରା ଶର୍ମା ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ି ତୋଳିବାରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ଜୀବନ କୌଶଳ ଉପରେ ରହିଥିବା ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପିଲାମାନେ ସେମାନଙ୍କର ଜୀବନଶୈଳୀକୁ କିପରି ଠିକ୍ ମାର୍ଗରେ ପରିଚାଳିତ କରିପାରିବେ ସେ ବିଷୟରେ ବୁଝାଇଥିଲେ। ସେହିପରି ସମୟର ପରିଚାଳନା(ଟାଇମ୍ ମ୍ୟାନେଜ୍‌ମେଣ୍ଟ) ଉପରେ ମଧ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ଏଚ୍‌ଆଇଭି ଓ ଏଡ୍ସ ବିଷୟରେ ସଚେତନ କରାଯିବା ସହ ଶିଶୁ ସୁରକ୍ଷା ଉପରେ ମଧ ଆଲୋଚନା କରାଯାଇଥିଲା। । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଏସ୍‌ବିଆଇ ପାରଳାଖେମୁଣ୍ଡି ମୁଖ୍ୟ ଶାଖା ପରିଚାଳକ ବିଷ୍ଣୁ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ୱାଇକେର ବିଜୟ କୁମାର ମହାପାତ୍ର ଏବଂ ମୋହିନୀ ପ୍ରଧାନ ଏହାକୁ ପରିଚାଳନା କରିଥିଲେ।

# ମା' ମଙ୍ଗଳାଙ୍କ ଯାତ୍ରା ନିମନ୍ତେ ବୈଠକ

**ଉମରକୋଟ, ୧୯।୨ (ଡି.ଏନ୍.ଏ.)**

ସ୍ଥାନୀୟ ମଙ୍ଗଳାମନ୍ଦିର ପ୍ରାଙ୍ଗଣରେ ମା'ମଙ୍ଗଳାଙ୍କ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତ୍ରିନାଥ ପରିଛା ସଭାପତିତ୍ୱ କରିଥିଲେ । ବୈଠକର ଆରମ୍ଭରେ ପୂର୍ବତନ ଯାତ୍ରା କମିଟିର ସମ୍ପାଦକ କଟେଶ୍ୱର ପଟ୍ଟନାୟକ ଗତବର୍ଷ ମା'ଙ୍କ ଯାତ୍ରା ନିମନ୍ତେ ଖର୍ଚ୍ଚ ବିବରଣୀ ପାଠ କରିଥିଲେ । ପୂର୍ବତନ ସଭାପତି ଅଶୋକ କୁମାର ବେବର୍ତ୍ତା ଗତବର୍ଷ ମା'ଙ୍କ ଯାତ୍ରା ନିମନ୍ତେ ଖର୍ଚ୍ଚ ଅଟକଳ ଦେବା ପରେ ବଳକା ହୋଇଥିବା ଅର୍ଥ ୧ଲକ୍ଷ ୧୦ ହଜାର ଟଙ୍କା କମିଟିକୁ ପ୍ରଦାନ କରିଥିଲେ । ମା' ମଙ୍ଗଳାଙ୍କ ପୂଜାରୀ ଭୂବନ ପୂଜାରୀ, ମା' ପେଣ୍ଡ୍ରାଣି ମା'ଙ୍କ ଶିରା ବଲ୍ଲଭ ଶିରା ଉଭୟେ ଏହି ବୈଠକ ନିମନ୍ତେ ଆଗତ କରିଥିଲେ । ଚଳିତି ବର୍ଷର ମା' ମଙ୍ଗଳା ଠାକୁରାଣୀଙ୍କ ୯ ଦିନ ଯାତ୍ରା ଓ ଫଗୁଣ ଯାତ୍ରା ତୁଲାଇବା ନିମନ୍ତେ ଏକ କମିଟି


ବୈଠକରେ ଉପସ୍ଥିତ କମିଟିର ସଦସ୍ୟ ଓ ଅନ୍ୟମାନେ।

ଗଠନ କରାଯାଇଥିଲା । ଏହି ମା'ଙ୍କ ଯାତ୍ରା କମିଟିର ସଭାପତିଭାବେ ବିଶ୍ୱନାଥ ପ୍ରତାପ ସିଂ ଏବଂ ଉପସଭାପତି ସନ୍ତୋଷ ପରିଛା ଓ ସମ୍ପାଦକ ପିଣ୍ଟୁ ବିଷୋୟୀ ଏବଂ କୋଷାଧ୍ୟକ୍ଷ ବାଳକୃଷ୍ଣ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଶେଷରେ ଯାତ୍ରା କମିଟିର ପୌରହିତ୍ୟ ତ୍ରିନାଥ ମିଶ୍ର ପାଞ୍ଜି ଦେଖି ମାର୍ଚ୍ଚ ୫ ତାରିଖରୁ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଦୋଳଯାତ୍ରା ଅନୁଷ୍ଠିତ କରାଯିବ। ମାର୍ଚ୍ଚ ୩୦ ତାରିଖଠାରୁ ମା' ମଙ୍ଗଳାଙ୍କ ଠାକୁରାଣୀ ଯାତ୍ରା ୯ ଦିନ ଧରି ଅନୁଷ୍ଠିତ ହେବ । ଉମରକୋଟ ଅଞ୍ଚଳର ଆଖପାଖ ଗ୍ରାମର ଗାଁଉଟିଆ, ଶିରା, ପୂଜାରୀମାନେ ଉପସ୍ଥିତ ରହି ମତାମତ ଦେଇଥିଲେ । ଏହି ବୈଠକରେ ଉମରକୋଟ ସହରର ବୁନୁ ପଟ୍ଟନାୟକ, ପୂର୍ବତନ ଯାତ୍ରା କମିଟିର ସଭାପତି ପି. ରାବଣା ରାଓ, ବୁଢ଼ା ମିଶ୍ର, ବାବି ସାନ୍ତା, ଅଶୋକ ବେବର୍ତ୍ତା ଏବଂ ରବି ନନ୍ଦ, କାଳୁ ପଣ୍ଡା, ରଜତ ସାନ୍ତା, ସଚିନ ସୁବୁଦ୍ଧି, କୃଷ୍ଣ ଶିରା, କୈଳାସ ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ଓକିଲ ରାମ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାଉଁଶ, ବେତ ହସ୍ତଶିଳ୍ପ ତାଲିମ ଉଦ୍‌ଘାଟିତ



ଅନୁଷ୍ଠାନ ପକ୍ଷରୁ ମହିଳା ଓ ପୁରୁଷଙ୍କୁ ତାଲିମ ଦିଆଯାଉଛି।

**ପାରଳାଖେମୁଣ୍ଡି,୧୯।୨(ସ୍ୱ.ପ୍ର.)**

ଗଜପତି ଜିଲା ଗୁମ୍ମା ବ୍ଲକ୍ ଅଧୀନ ଜଗନ୍ନାଥପୁର ଗ୍ରାମରେ ଆନ୍ଧ୍ରବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ବାଉଁଶ ଓ ବେତ ହସ୍ତଶିଳ୍ପ ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୧୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଗୁମ୍ମା ବ୍ଲକ୍ କୁଜାସିଂ ପଞ୍ଚାୟତର ୩୫ ମହିଳା ଓ ପୁରୁଷ ଯୋଗ ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରତିଭାଗି ମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରାଧାପକ ଦିଲ୍ଲୀପ କୁମାର ତନ୍ତି କାର୍ଯ୍ୟକ୍ରମକୁ ପରଚାଳନା କରିଥିଲେ।

## ସଡ଼କ ଦୁର୍ଘଟଣା: ୨ ଆହତ

**ପାରଳାଖେମୁଣ୍ଡି,୧୯।୨(ସ୍ୱ.ପ୍ର.) –** ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧୀନ ପୁତ୍ତୁଣୀ ଛକରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ସନ୍ଧ୍ୟାରେ ଯାଜପୁର ଗ୍ରାମର ଜଗନ୍ନାଥ ପ୍ରଧାନ ଚାଲିଚାଲି ଘରକୁ ଯାଉଥିଲେ। ଏହି ସମୟରେ ଜଣେ ପାରଳାଖେମୁଣ୍ଡିରୁ ବାଟିଶିରିପୁର ଅଭିମୁଖେ ଯାଉଥିବା ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଜଗନ୍ନାଥଙ୍କୁ ଧକ୍କା ଦେଇଥିଲେ। ଏଥିରେ ଦୁହେଁ ଆହତ ହୋଇଥିବା ଜଣାପଡ଼ିଛି।

## ବାପ, ପୁଅଙ୍କୁ କୋର୍ଟଚାଲାଣ

**ଗୋପାଳପୁର,୧୯।୨**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ବ୍ୟକ୍ତିଙ୍କୁ ଗାଳିଗୁଲଜ ଓ ମାଡ଼ ମାରିବା ଅଭିଯୋଗରେ ତିନିଜଣ ଆହତ ହୋଇଥିବା ବେଳେ ଗୋପାଳପୁର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏଥିରେ ଗୋଟିଏ ମାମଲାର ବାପ,ପୁଅଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଉଞ୍ଜୁ ଗ୍ରାମ ଧୋବା ସାହିର ବାବୁ ସେଠୀ (୫୦)ଓପୁଅ ଶ୍ରୀନିବାସ (୨୦)।ସୋମବାର ସନ୍ଧ୍ୟାରେ ବାବୁଙ୍କୁ ସୀମାଞ୍ଚଳ ସେଠୀ ପୂର୍ବ ଶତ୍ରୁତାରୁ ଠେଲାପେଲା କରିଥିଲେ। ରାତି ପ୍ରାୟ ୧୦ଟାରେ ବାବୁ ସେଠୀଙ୍କ ପୁଅ ଓ ସମ୍ପର୍କୀୟ ସୀମାଞ୍ଚଳଙ୍କ ଘର ନିକଟକୁ ଯାଇ ପଚାରିବାରୁ ମାରପିଟ ହୋଇଥିଲା। ଏଥିରେ ତିନିଜଣ ଆହତ ହୋଇଥିଲେ। ଗୋପାଳପୁର ଥାନାରେ ସୀମାଞ୍ଚଳଙ୍କ ଅଭିଯୋଗକ୍ରମେ ନଂ.୨୧/୨୦ରେ ଓ ବାବୁ ସେଠୀଙ୍କ ପାଲଟା ଅଭିଯୋଗକ୍ରମେ ନଂ. ୨୨/୨୦ରେ ମାମଲା ରୁଜୁ ହୋଇଛି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ରୁବୁଡିସିଂର ସୌରା ଆଦିବାସୀ

**ପାରଳାଖେମୁଣ୍ଡି,୧୯।୨(ସ୍ୱ.ପ୍ର.)**

ଜଙ୍ଗଲ ଜମି ଦାବିରେ ଗଜପତି ଜିଲା ନୂଆଗଡ଼ ବ୍ଲକ୍ ପାଇକ ଅନ୍ତରଡ଼ା ଅଧୀନ ରୁବୁଡ଼ିସିଂ ଗ୍ରାମର ସୌରା ଆଦିବାସୀଙ୍କ ଜମିକୁ କେତେକ ଅଣଆଦିବାସୀ ସମ୍ପ୍ରଦାୟ ଜୋର୍ ଜବରଦସ୍ତ ଅକ୍ତିଆର କରିଥିବାବେଳେ ତାହା ଫେରାଇବାକୁ ସୌରା ଆଦିବାସୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ବୁଧବାର ଉପଜିଲାପାଳଙ୍କ ଉଦ୍ଦେଶରେ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ର ଅନୁଯାୟୀ, ଦୁର୍ଗମ ତଥା ମାଓବାଦୀ ପ୍ରଭାବିତ ରୁବୁଡ଼ିସିଂ ଗ୍ରାମର ଭୂମିହୀନ, ବାସହୀନ, ବହୁକୁଟୁମ୍ବୀ ଏହି ଗାଁର ଅଧିକାଂଶ ପରବାର ଶ୍ରମିକଭାବେ କାର୍ଯ୍ୟ କରି ପରିବାର ଚଳାଉଛନ୍ତି। ଗତ ତିତ୍‌ଲି,


ଦାବିପତ୍ର ଦେବାକୁ ଆସିଥିବା ରୁବୁଡ଼ିସିଂ ଗ୍ରାମବାସୀ।

ଫାଇଲିନ ଏବଂ ହୁଦ୍‌ହୁଦ୍ ବାତ୍ୟାରେ ମଧ ବହୁ କ୍ଷୟକ୍ଷତି ସହିଛନ୍ତି । ଏହି ଗାଁ ଆର୍.ଉଦୟଗିରି ସହର ଠାରୁ ମାତ୍ର ୧୫କି.ମି. ଦୂରରେ ରହିଥିବାଏହି ଗାଁ ରାଜସ୍ୱ ଗ୍ରାମର ମାନ୍ୟତା ମଧ ପାଇଥିଲେ ମଧ ଗ୍ରାମବାସୀଙ୍କ ସରଳତାର ସୁଯୋଗ ନେଇ କେତେକ ଅଣଆଦିବାସୀ ଗ୍ରାମକୁ ଆସି କିଛି ଦଲାଲଙ୍କ ମାଧ୍ୟମରେ ବିଭିନ୍ନ ପ୍ରକାର ବିଲ, ପଦର ଏବଂ ଚାଷଜମିକୁ ଜୋର୍ ଜବରଦସ୍ତ ଛଡ଼ାଇନେଇ ନିଜ ନାମରେ କରିଛନ୍ତି। ଏପରିକି ଅନେକ ଜମିର ପଟ୍ଟା ମଧ କରାଇ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଗାଁ ଲୋକେ ଏହି ଜମି ଉପରେ ନିର୍ଭର କରି ଚଳୁଥିବାବେଳେ ଅଣଆଦିବାସୀ ଗୋଷ୍ଠୀ ଛଡ଼ାଇ ନେଇଛନ୍ତି। ତେଣୁ ଜମିର ପ୍ରକୃତ ହକଦାର୍ ସୌରା ଆଦିବାସୀଙ୍କୁ ତାହା ଦିଆଯାଉ ବୋଲି ଦାବି କରିଛନ୍ତି। ଅଣଆଦିବାସୀଙ୍କ ପଟ୍ଟାକୁ ଖାରଜ କରାଯାଇ ସୌରାମାନଙ୍କୁ ତାହା ଦେବା ପାଇଁ ସେମାନେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ଏଥିସହ ଯେଉଁ ଦଲାଲ ଓ ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀମାନେ ଜମି ଅଣଆଦିବାସୀଙ୍କ ନାମରେ କରାଇଛନ୍ତି, ସେମାନଙ୍କ ବରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ନଚେତ୍ ଆଗାମୀ ଦିନରେ ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ସୁବାସ ଗମାଙ୍ଗ, କର୍ଣ୍ଣେଲ ରଇତ, ସୁକମା ବଡରଇତ, ଫିଲିପ ଦଳବେହେରା, ସୁନା ରାଇକା, ସାଇମନ ରାଇକା, ପ୍ରେମିକା ରାଇକା, ଏଲିଓ ରାଇକା, ଜାକିଓ ରଇତ, ସୁମାଲ୍ୟ ରାଇକାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ,
ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
-ଫ୍ରାଙ୍କଲିନ୍





ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ବିଜୟୀ ହେବା ପରେ ଦଳୀୟ ନେତା ଓ କର୍ମୀ ଖୁସି ମନାଉଛନ୍ତି।



ନିର୍ବାଚନ ଅଧିକାରୀ ଅମୃତ ଋତୁରାଜ ବିଜୟୀ ପ୍ରାର୍ଥୀଙ୍କୁ ନିର୍ବାଚନୀ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।



ଭାଜପା ଓ କଂଗ୍ରେସ କର୍ମୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

# ୧୦,୮୮୩ ଦେଲେ ମାଟ୍ରିକ ପରୀକ୍ଷା

**ରାୟଗଡ଼ା ଅଫିସ ,୧୯।୨**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ ପରୀକ୍ଷା ରାୟଗଡ଼ା ଜିଲାରେ ବୁଧବାର ଆରମ୍ଭ ହୋଇଛି । ଜିଲାରେ ମୋଟ ୧୦,୮୮୩ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଛନ୍ତି । ଜିଲାରେ ସର୍ବମୋଟ ୪୮ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ପରୀକ୍ଷାକୁ ଉତ୍ତମ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶାନୁଶାରେ ଛାତ୍ରୀଛାତ୍ର ଓ ଅଭିଭାବକ ମାନଙ୍କୁ ସଚେତନତା କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ବ୍ୟାନର ଲଗାଯାଇଥିଲା । ପ୍ରତ୍ୟେକ କେନ୍ଦ୍ରରେ ଜଣେ ଲେଖାଏଁ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିସହ ୧୧ ଜଣଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆଯାଇଛି । ଜିଲାରେ ୨ ସ୍କାର୍ଡ଼ ଗଠନ କରାଯାଇଛି । ସ୍କାଡ଼ ଦ୍ୱାରା ପ୍ରଥମ ଦିନରେ ଜଣେ ଛାତ୍ର ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଜଣାପଡ଼ିଛି । ୮୪୨ ଜଣ ଇନଭିଜିଲେଟର ଏବଂ ୧୦୨ ଜଣ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଡ଼େପୁଟି ସୁପରିଣ୍ଟେଣ୍ଡେଣ୍ଟ ନିୟୋଜିତ ହୋଇଛନ୍ତି । ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୨୦୨ ସ୍କୁଲରୁ ୩୨୩ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ଏସଡ଼ିପିଓ ତପନ ନାରାୟଣ ରଥ କହିଛନ୍ତି ।



ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ଯାଞ୍ଚ୍ କରାଯାଉଛି।

## ସଂକ୍ଷେପରେ

### ଜଳିଗଲା ଗୋଟିଏ ଏକର ପାଳଗଦା

ଦଶମନ୍ତପୁର,୧୯।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ କୁମ୍ଭାର ସାହିରେ କୁମ୍ଭାରଙ୍କ ମାଟିହାଣ୍ଡି ପୋଡ଼ିବା ପାଇଁ ରଖାଯାଇଥିବା ପାଳଗଦା ପୋଡ଼ି ନଷ୍ଟ ହୋଇଛି। ସାହିରେ ପ୍ରାୟ ୬୦ ଘର ରୁହନ୍ତି। ସେମାନଙ୍କ ମୁଖ୍ୟ ଜୀବିକା ହେଲା ମାଟିହାଣ୍ଡି ତିଆରି କରି ହାଟରେ ବିକିବା। ସେଥିପାଇଁ ସେମାନେ ଚାଷୀଙ୍କଠାରୁ ପାଳ କିଣିଆଣି ଗୋଟିଏ ଏକର ଜାଗାରେ ଗଦା କରିଥିଲେ। ସେହି ପାଳ ନିଆଁରେ ମାଟିହାଣ୍ଡି ପୋଡ଼ି ବର୍ଷକର ରୋଜଗାର ପାଇଥାନ୍ତେ। କିନ୍ତୁ ବୁଧବାର ଅପରାହ୍ନ ୩ଟାରେ ହଠାତ୍ ସେଥିରେ ନିଆଁ ଲାଗି ସବୁ ପୋଡ଼ି ଯାଇଥିଲା। ଦଶମନ୍ତପୁର ଅଗ୍ନିଶମ ଅଧିକାରୀ ଆର୍.ଏସ୍. ନାୟକ ଓ ତାଙ୍କ ଟିମ୍ ଏବଂ ଟିକିରି ଉତ୍କଳ ଆଲୁମିନା ପକ୍ଷରୁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାଳଗଦା ପୋଡ଼ିଯିବା ପରେ ମାଟିହାଣ୍ଡି କିପରି ପୋଡ଼ିବେ, ସେହି ଚିନ୍ତାରେ ଥିବା ଭୀମ ଚଲାଣ, ହରିଶ୍ଚନ୍ଦ୍ର ନାୟକ, ଜଗବନ୍ଧୁ ଚଲାଣ, ଗୋପୀ ଚଲାଣ କହିଛନ୍ତି। ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କି କହିଛନ୍ତି, କ୍ଷତି ଆକଳନ ପାଇଁ କର୍ମଚାରୀଙ୍କୁ ପଠାଯିବ।

### ଶିକ୍ଷକ ନ ଦେଲେ ସ୍କୁଲରେ ତାଲା

ଦଶମନ୍ତପୁର,୧୯।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥା ଉଜୁଡ଼ିବାରେ ଲାଗିଛି। ଶିକ୍ଷା ବିଭାଗ ଜାଣିଶୁଣି ଦୃଷ୍ଟି ଦେଉ ନ ଥିବାରୁ ଏଥିରେ ଅତିଷ୍ଠ ହୋଇ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ବିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣିଙ୍କୁ ଦାବିପତ୍ର ଦେଇଛନ୍ତି। ଦଶମନ୍ତପୁର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଥିବାବେଳେ ସେଥିରୁ ଜଣେ ଶିକ୍ଷୟିତ୍ରୀଙ୍କୁ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କରାଯାଇଛି। ସେହିପରି ସ୍ଥାନୀୟ ମଧ ଇଂରାଜୀ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିବାବେଳେ ପ୍ରଧାନ ଶିକ୍ଷକ ଛୁଟିରେ ରହିଛନ୍ତି। କେବଳ ୨ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏଥିରେ ଅତିଷ୍ଠ ହୋଇ ବୁଧବାର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ଡାକୁଆ, କୃପା ରାଏ, ହରିଶ୍ଚନ୍ଦ୍ର ସଗରଙ୍କ ସମେତ ଅଭିଭାବକମାନେ ଏବିଇଓ ତରଣୀସେନ ମୁଣ୍ଡା କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ ବରିଷ୍ଠ କିରାଣି ଗୌରୀଶଙ୍କର ଶତପଥୀଙ୍କୁ ଦାବିପତ୍ର ଦେଇଛନ୍ତି। ୫ ଦିନ ଭିତରେ ୨ଟି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଦିଆ ନ ଗଲେ ବିଦ୍ୟାଳୟ ଓ ବିଇଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ବାଧହେବୁ ବୋଲି ପରିଚାଳନା କମିଟି ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

### ପଙ୍କଜ ପାତ୍ର ଏସ୍‌ୟୁଜେ ଟ୍ରିବୁନାଲ ଅଧ୍ୟକ୍ଷ

ଚାନ୍ଦିଲି(କୋଟପାଡ଼),୧୯।୨(ଡି.ଏନ୍.ଏ.): ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ରାଜ୍ୟ ଟ୍ରିବୁନାଲ ଅଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି ଆଇନଜୀବୀ ତଥା କୋଟପାଡ଼ ପ୍ରେସ କ୍ଲବ ସଭାପତି ପଙ୍କଜ କୁମାର ପାତ୍ର। ନାରାୟଣପାଟଣାରେ ଆୟୋଜିତ କୋରାପୁଟ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ଓ ଏସ୍‌ୟୁଜେ ସଭାପତି ଅଜୟ ସାହୁ ପାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘ ସଭାପତି ଓମ୍‌ପ୍ରକାଶ ସିହ୍ନା, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ସୁବାସ ଦାଶଙ୍କ ସମେତ କୋଟପାଡ଼ ପ୍ରେସ କ୍ଲବ ଉପଦେଷ୍ଟା ମୁକ୍ତେଶର ନାୟକ, ଉପସଭାପତି ରାଜଶେଖର ରାଓ, ସମ୍ପାଦକ ଶଙ୍କର ପଣ୍ଡା, ପ୍ରଦୀପ ବକ୍ସି, ସୁନୀଲ ଦାଶ, ଅନୁପ ମିର୍ଦ୍ଧା ଏନେଇ ଶୁଭେଚ୍ଛା ଜଣାଇଛନ୍ତି।

# ୧୦୩ ଜଣଙ୍କୁ ମିଳିଲା ଭିନ୍ନକ୍ଷମ ପ୍ରମାଣପତ୍ର

## ଗୁଡ଼ାରୀରେ ଭୀମଭୋଇ ସାମର୍ଥ୍ୟ ଶିବିର

**ଗୁଡାରୀ, ୧୯।୨ (ଡି.ଏନ୍.ଏ.)**

ଗୁଡାରୀ ବିଡିଓ ନୃସିଂହ ଚରଣ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୧୭୨ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୩ ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ କରାଯାଇଛି। ସେହିଭଳି ୨୮ ଜଣଙ୍କୁ ବସ୍ ପାସ୍, ୫ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୭ ଜଣଙ୍କୁ ବାଣିଶ୍ରୀ ବୃତ୍ତି, ୨୯ ଜଣଙ୍କୁ ୟୁଡିଆଇଡି ସାର୍ଟିଫିକେଟ ଏବଂ ୩୨ ଜଣଙ୍କୁ ଦକ୍ଷତା ବୃଦ୍ଧି ତାଲିମ ନିମନ୍ତେ ଚିହ୍ନଟ କରାଯାଇଛି। କାର୍ଯ୍ୟକ୍ରମକୁ ଭୁବନେଶ୍ୱରରୁ ଆସିଥିବା କ୍ଷମତା ଏକ୍ସପ୍ରେସ୍ ଟିମ୍ ଯାଞ୍ଚ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ଅରୂପାନନ୍ଦ ବେହେରା ଓ ସୌମ୍ୟରଞ୍ଜନ ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ଜିଲା ଭିନ୍ନକ୍ଷମ ସଂଘ ସଭାପତି ଶିଶିର ରାହୁଲ, ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଫି. ସୁରିବାକୁ ଓ ଅନ୍ୟ ବ୍ଲକ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗୁଡ଼ାରୀରେ ୨୯ ଅନୁପସ୍ଥିତ

**ମୁନିଗୁଡ଼ା, ୧୯।୨(ଡି.ଏନ୍.ଏ.)**

ମୁନିଗୁଡା ବ୍ଲକର ୪ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା କରାଯାଉଛି। ମୁନିଗୁଡା ନୋଡାଲ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, କୁମୁଡାବାଲି ହାଇସ୍କୁଲ ଓ ଅମ୍ବାଦଳା ସରକାରୀ ହାଇସ୍କୁଲରେ ପ୍ରଥମ ଦିନରେ ମୋଟ ୯୦୬ଜଣ ପରୀକ୍ଷା ଦେଇଛନ୍ତି। ମୁନିଗୁଡା ନୋଡାଲ ହାଇସ୍କୁଲରେ ୨୫୬, ସରକାରୀ ବାଳିକା ହାଇସ୍କୁଲରେ ୩୦୭, କୁମୁଡାବାଲି ହାଇସ୍କୁଲରେ ୧୫୩ ଜଣ ଓ ଅମ୍ବାଦଳା ସରକାରୀ ହାଇସ୍କୁଲରେ ୧୯୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ୯୩୫ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ଦିନ ପରୀକ୍ଷାରେ ୨୯ଜଣ ଅନୁପସ୍ଥିତ ଥିଲେ। କପି ରୋକିବା ଏବଂ ଶୃଙ୍ଖଳାରେ ପରୀକ୍ଷା ପରିଚାଳନା ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବାକୁ ମୁନିଗୁଡା ବିଇଓ ରାଧାକାନ୍ତ ଛତ୍ରୀ ଓ ଏବିଇଓ ବି.ଭାସ୍କର ରାଓ ପରୀକ୍ଷା କେନ୍ଦ୍ରଗୁଡିକ ବୁଲି ଦେଖିଥିଲେ।

# ଗୁଣପୁରରେ ୯୧୦ ପରୀକ୍ଷା ଦେଲେ

**ଗୁଣପୁର,୧୯।୨(ଡି.ଏନ.ଏ)**

ଗୁଣପୁର ସହରରେ ମାଟ୍ରିକ ପରୀକ୍ଷାର ୩ଟି କେନ୍ଦ୍ରରେ ୯୧୦ ଜଣ ଛାତ୍ରୀଛାତ୍ରପରୀକ୍ଷାଦେଇଛନ୍ତି।ଶହୀଦଲକ୍ଷ୍ମଣନାୟକହାଇସ୍କୁଲରେ ୩ ସ୍କୁଲର ୨୪୧ରୁ ୨୩୧, ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ ସ୍କୁଲର ୩୨୮ରୁ ୩୨୦ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ପରୀକ୍ଷାକେନ୍ଦ୍ରରେ ୫ ସ୍କୁଲର ୩୬୭ରୁ ୩୫୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଏପରି ମୋଟ ୯୩୬ ଜଣଙ୍କ ମଧ୍ୟରୁ ୯୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସହରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ




ଆଇନ୍ ସଚେତନତା ଶିବିରରେ ଜଜ୍ ଓ ଅନ୍ୟମାନେ।

**ରାୟଗଡ଼ା ଅଫିସ, ୧୯।୨**

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜିଲା ଦୌରା ଜଜ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଶୋଧିତ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ସକାଶେ ଗଠିତ ଟ୍ରିବ୍ୟୁନାଲ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମହାନ୍ତି, ଡିଏସ୍‌ପି ବି.କେ ମିଶ୍ର, ବିଡିଓ ରାଜେନ୍ଦ୍ର ମାଝି, ବାର ଆସୋସିଏଶନ ସଭାପତି ବ୍ରଜସୁନ୍ଦର ନାୟକ, ସମ୍ପାଦକ ପଦ୍ମନାଭ ଦାସ ପ୍ରମୁଖ ଯୋଗ ଦେଇଥିଲେ। କ୍ଷତିଗ୍ରସ୍ତଙ୍କ ନିକଟରେ ମଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଯଥା ସମୟରେ ପହଞ୍ଚାଇବା ପାଇଁ ହାଇକୋର୍ଟ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ଥାୟୀ ଲୋକ ଅଦାଲତ ଜଜ୍ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ, ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ଦୁଇ ବର୍ଷ ହେବ ସରୁନି ରାସ୍ତା କାମ



ଅଭିଯୋଗ କରୁଥିବା ଗ୍ରାମବାସୀ।



ଶୋଚନୀୟ ହୋଇପଡିଥିବା ରାସ୍ତା।

## କନେଡି-ବେଲାମଗୁଡାକୁ ରାସ୍ତା ନିର୍ମାଣ ଦାବି

**ଚନ୍ଦ୍ରପୁର,୧୯।୨(ଡି.ଏନ୍.ଏ.)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ପଞ୍ଚାୟତ ଅଧୀନ କନେଡିଠାରୁ ବେଲାମଗୁଡା ଗାଁକୁ ସଂଯୋଗ କରୁଥିବା ନିତିଦିନିଆ ରାସ୍ତାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଛନ୍ତି ପଞ୍ଚାୟତବାସୀ। ଚନ୍ଦ୍ରପୁର ବ୍ଲକରୁ ଗୁଡାରି ବ୍ଲକ ତଥା ଗୁଣପୁର ସବ୍‌ଡିଭିଜନକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଆଜକୁ ଦୁଇବର୍ଷ ତଳେ ଆରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାଇବିଜି ଛକ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାରୁ ଏହି କାମ ଆରମ୍ଭ କରାଯାଇଥିଲା। ମୁଖ୍ୟରାସ୍ତାରୁ କନେଡି ଗାଁ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କାମ ସରିଛି। କିନ୍ତୁ କନେଡିଠାରୁ ଭାୟା ବାଲିଗାଡା ଦେଇ ବେଲାମଗୁଡା ଗାଁକୁ ସଂଯୋଗ କରୁଥିବା ମାତ୍ର ୪ କି.ମି. ରାସ୍ତା ନିର୍ମାଣ ନ ହୋଇ ଦୁଇବର୍ଷ ହେବ ଅଧାପନ୍ତରିଆଭାବେ ପଡିରହିଛି ବୋଲି ହନୁମନ୍ତପୁର ସରପଞ୍ଚ କାଉମୁନି ଅଭିଯୋଗ କରିଛନ୍ତି। ରାସ୍ତା ଖରାପ ଯୋଗୁ ବେଲାମଗୁଡା, ଗଡାକାଲି, ଚିଙ୍ଗୁଡିଘାଟି ଆଦି ଗ୍ରାମରୁ ଅଧିକାଂଶ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀ ମାସିକ ଭତ୍ତା, ଚାଉଳ, କିରୋସିନ ପାଇଁ ଚାଲି ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରତି ମାସରେ ଆସିଥାନ୍ତି। ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସକୁ ଫୋନ କଲେ ରାସ୍ତା ଭଲ ନଥିବା ଯୋଗୁ ତାହା ଆସିପାରେ ନାହିଁ। ଫଳରେ ପ୍ରସୂତି, ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି ବୋଲି ହନୁମନ୍ତପୁର ପୂର୍ବତନ ସରପଞ୍ଚ ପର୍ଶୁରାମ ଦିଆକା, ଘାସି ବିଏସ୍କା, ଶ୍ରୀନିବାସ ଦିବାକା, ନନ୍ଦ ଦିବାକା, ସାବୁଲି ଦିବାକା ପ୍ରମୁଖ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ରାୟଗଡା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ରାସ୍ତା ନିର୍ମାଣ କରାଯାଇନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଞ୍ଚଳବାସୀ ପୁଣି ଥରେ ଏକାଠି ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ରାସ୍ତା ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ରାୟଗଡା ଜିଲାପାଳଙ୍କୁ ଏକ ଦରଖାସ୍ତ ଲେଖି ଡାକ ଯୋଗେ ପଠାଇଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ହୋଇପାରୁନି ଜମି ଚିହ୍ନଟ, ଆମରଣ ଅନଶନ ଚେତାବନୀ

**ଗୁଣପୁର,୧୯।୨(ଡି.ଏନ.ଏ)**

ଜମି ଚିହ୍ନଟ ଓ ଜବରଦଖଲ ମୁକ୍ତ ନେଇ ତହସିଲଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଗୁହାରି କଲେ । ହେଲେ କିଛି ସୁଫଳ ମିଳିଲା ନାହିଁ । ଶେଷରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି ଅବସରପ୍ରାପ୍ତ ଶିକ୍ଷକ କାଳୀଚରଣ ମିଶ୍ର(୭୧) । ସେ ପ୍ରମିଳା କୁମାରୀ ପାଣିଗ୍ରାହୀ ଏବଂ ରାଧାକୃଷ୍ଣ ପାଣିଗ୍ରାହୀଙ୍କଠାରୁ ଗୁମୁଡାଠାରେ ଏକ ଜମି କିଣିଥିଲେ। ବର୍ତ୍ତମାନ ଉକ୍ତ ଜମିକୁ ବିକ୍ରେତା ଜବରଦଖଲ କରି ରଖିଛନ୍ତି । ଜମିର ଚିହ୍ନଟୀକରଣ ସହ ଜବରଦଖଲମୁକ୍ତ କରିବାକୁ ନେଇ ତହସିଲ ସହ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି । ଉକ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ବର୍ଷେ ହେଲାଣି କେବଳ ପ୍ରତିଶ୍ରୁତି ମିଳୁଛି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୨ରୁ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେ ୫ଟି ସଚିବ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ସଚିବଙ୍କ ସମେତ ଜିଲାପାଳ,ରାମନାଗୁଡା ତହସିଲଦାର, ପୋଲିସ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଅବଗତ କରିଥିବା କହିଛନ୍ତି । ଯଦି ମୋର କୌଣସି କ୍ଷତି ହୁଏ, ତେବେ ପ୍ରଶାସନ ଦାୟୀ ରହିବେ ବୋଲି ପ୍ରେରିତ ପତ୍ରରେ କାଳୀଚରଣ ଉଲ୍ଲେଖ କରିଛନ୍ତି ।

# ତ୍ରୁଟିପୂର୍ଣ୍ଣ ବ୍ୟାଙ୍କିଙ୍ଗ, ଚାଷୀଙ୍କ ଖାତାରୁ ୧୦ ହଜାର ଉଭାନ

**ବୈପାରୀଗୁଡ଼ା,୧୯।୨(ଡି.ଏନ୍.ଏ.)**

ବ୍ୟାଙ୍କରେ ଅବ୍ୟବସ୍ଥା କାରଣରୁ ବହୁ କଷ୍ଟକରି ମଣ୍ଡିରେ ଧାନ ବିକିଥିବା ଜଣେ ଚାଷୀଙ୍କ ଜମାଖାତାରୁ ୧୦ ହଜାର ଟଙ୍କା ଗାଏବ ହୋଇଛି। ବ୍ଲକର ଦଶମନ୍ତପୁର ପଞ୍ଚାୟତର ଆଦିବାସୀ ଚାଷୀ ପୁରୁଷୋତ୍ତମ ଗାଦବା ଗତ ଖରିଫ ଧାନ ମଣ୍ଡିରେ ବିକିଥିଲେ। ଏହାପରେ ଆଇଓବି ଶାଖାରେ ଥିବା ତାଙ୍କ ଜମାଖାତା (ନଂ ୦୪୬୮୦୧୦୦୦୦୧୫୯୦୭)କୁ ଗତ ଜାନୁଆରୀ ୨୧ରେ ୧ ଲକ୍ଷ ୭୦ ହଜାର ଟଙ୍କା ଓ ସେହି ମାସର ଅନ୍ୟ ଏକ ତାରିଖରେ ୭୦ ହଜାର ୭୮୫ ଟଙ୍କା ଆସିଥିଲା। ବ୍ୟାଙ୍କ କାଉଣ୍ଟରରେ ଜମାଖାତାରୁ ଅତି ବେଶିରେ ୨୦ ହଜାର ଟଙ୍କା ଉଠାଇବାକୁ କୁହାଯିବାରୁ ବିଭିନ୍ନ ସମୟରେ ବ୍ୟାଙ୍କ କାଉଣ୍ଟର ଅଥବା ବ୍ୟାଙ୍କ ଦ୍ୱାରା ନିୟୋଜିତ ବାୟୋମେଟ୍ରିକ ମେଶିନ ଯୋଗେ ଆଧାର ନଂ ସହାୟତାରେ ଟଙ୍କା ଉଠାଯାଇଥିଲା। ଏତେ କାରବାର ହୋଇଥିଲେ ମଧ ପ୍ରିଣ୍ଟର ଅଚଳ ଥିବା ଆଳ ଦେଖାଇ ପାସ୍‌ବୁକ୍ ଆଦୌ ଅପଡେଟ୍ କରାଯାଇ ନ ଥିଲା। ଗତ ୧୪ ତାରିଖ ପୁରୁଷୋତ୍ତମ ଜମାଖାତାରୁ ୧୦ ହଜାର ଟଙ୍କା ଉଠାଯାଇଥିବା ବେଳେ ଜମାଖାତାରେ କେବଳ ୬୯୩ ଟଙ୍କା ଥିବା ତାଙ୍କୁ କୁହାଯାଇଥିଲା। ଏଥିରେ ସନ୍ଦେହ ଆସିବାରୁ ସେ ପାସବୁକ୍ ଅପଡେଟ୍ କରିବାକୁ ଜୋର ଦେଇଥିଲେ। ୫ ଦିନ ପରେ ମଙ୍ଗଳବାର ତାଙ୍କୁ ଅପଡେଟ ପାସ୍‌ବୁକ୍ ମିଳିଥିଲା।



ଅଭିଯୋଗକାରୀ ପୁରୁଷୋତ୍ତମ ଗାଦବା।

ଗତ ୨୭ ତାରିଖ ତାଙ୍କ ଅଜାଣତରେ ୨ ଥର ୫ ହଜାର ଲେଖାଏ ଟଙ୍କା ଉଠାଯାଇଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଦିନ ତାଙ୍କୁ ୩୦ ହଜାର ଟଙ୍କା ଦରକାର ଥିବାରୁ ସେ କାଉଣ୍ଟର୍‌ରେ ୨୦ ହଜାର ଟଙ୍କା ଉଠାଇଥିଲେ। ବାକି ୧୦ ହଜାର ଟଙ୍କା ବ୍ୟାଙ୍କ ବାହାରେ ବାୟୋମେଟ୍ରିକ୍ ମେଶିନରେ ଆଧାର କାର୍ଡ ନଂ ସହାୟତାରେ ଫିଙ୍ଗର ପ୍ରିଣ୍ଟ ଦେଇ ୧୦ ହଜାର ଟଙ୍କା ଉଠାଇଥିଲେ। କିନ୍ତୁ ପାସ୍‌ବୁକ୍‌ରେ ଏଣ୍ଟ୍ରି ତଥ୍ୟ ଅନୁସାରେ ସେହିଦିନ ବାୟୋମେଟ୍ରିକ ମେଶିନ ସହାୟତାରେ ୫ ହଜାର ଟଙ୍କା ୨ ଥର ଓ ୧୦ ହଜାର ଟଙ୍କା ଥରେ ଉଠାଇଛନ୍ତି। ୫ ହଜାର ଟଙ୍କା ୨ ଥର ଉଠାଇବା ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ୧୦ ହଜାର ଟଙ୍କା ଉଠାଇବା ବେଳେ ସେ କମିଶନ ବାବଦକୁ ୧ ଶହ ଟଙ୍କା ଦେଇଥିଲେ। ବାୟୋମେଟ୍ରିକ୍ ମେଶିନ ଅପରେଟରଙ୍କୁ ପଚାରିବାରୁ ସେମାନଙ୍କ ପାଖରେ କେବଳ ୧୦ ହଜାର ଟଙ୍କା ଏକାଥରକେ ଉଠାଇବା କଥା କହିଛନ୍ତି। ବାହାରେ କେଉଁଠି ବାୟୋମେଟ୍ରିକ ମେଶିନରେ ବାଲାନ୍ସ ଇନକ୍ୱାରି ବେଳେ ଟଙ୍କା ହଡପ ହୋଇଥାଇପାରେ ବୋଲି ସେମାନେ ସଫେଇ ଦେଇଛନ୍ତି। କିନ୍ତୁ ଏହାକୁ ପୁରୁଷୋତ୍ତମ ଅସ୍ୱୀକାର କରିଛନ୍ତି। ଉକ୍ତ ଦିନ କାଉଣ୍ଟରରେ ତାଙ୍କୁ ୨୦ ହଜାର ଟଙ୍କା ଦିଆଯାଇଥିଲା। ସେହି ବ୍ୟାଙ୍କରୁ ଟଙ୍କା କାଢି ବାୟୋମେଟ୍ରିକ୍ ଅପରେଟର ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ବ୍ୟାଙ୍କ ଚାହିଁଥିଲେ ତାଙ୍କୁ ଏକକାଳୀନ କାଉଣ୍ଟରରେ ୩୦ ହଜାର ଟଙ୍କା ଦେବାରେ କଣ ସମସ୍ୟା ବୋଲି ସେ ପଚାରିଛନ୍ତି। ସେମାନଙ୍କ ମଧ୍ୟରେ ଭିତିରିଆ ସମ୍ପର୍କ ରଖି ପାସବୁକ୍‌ରୁ ଟଙ୍କା ହଡପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ବ୍ୟାଙ୍କ ପରିଚାଳକଙ୍କ ପାଖରେ ଗୁହାରି କରିବାରୁ ସେ କିଛି କରିପାରିବେ ନାହିଁ ବୋଲି ସିଧାସଳଖ କହିଥିଲେ। ବ୍ୟାଙ୍କ ପାସ୍‌ବୁକ୍ ଠିକ୍ ଭାବେ ଅପଡେଟ ହୋଇଥିଲେ ଏପରି ହୋଇ ନଥାନ୍ତା ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ଏପରି ଅବ୍ୟବସ୍ଥାକୁ ନେଇ ଗତ ମାସ ୧୭ରେ 'ଅବ୍ୟବସ୍ଥିତ ବ୍ୟାଙ୍କସେବା ପାଇଁ ସୁଫଳ ଦେଉନି କାଳିଆ' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା।